



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୫ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 05 NOVEMBER 2022
Vol.No. 33 ■ No. 287 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଜଧାନୀରେ ଆଜିଠୁ ସ୍କୁଲ ବନ୍ଦ



ନୂଆଦିଲ୍ଲୀ, ୦୪/୧୧ : ରାଜଧାନୀରେ ଜାରି ରହିଛି ପ୍ରଦୂଷଣର ଏମରଜେନ୍ସି। ଗ୍ୟାସ ଚାମ୍ବର ପାଲଟିଛି ରାଜଧାନୀ ଦିଲ୍ଲୀ। ବଢ଼ୁଥିବା ପ୍ରଦୂଷଣ ସ୍ତରକୁ ଦେଖି ଆସନ୍ତାକାଲିଠୁ ସମସ୍ତ ପ୍ରାଇମେରୀ ସ୍ତରର ସ୍କୁଲ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ। ଆଜି କେଜ୍ରିଓ୍ୱାଲ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନଙ୍କ ସହ ସାମ୍ବାଦିକ ସମ୍ମିଳନୀ କରି ଏହି ଘୋଷଣା କରିଛନ୍ତି। ଏଥିସହ ଦିଲ୍ଲୀରେ ଅଡ୍-ଇଭେନ୍ ଲାଗୁ କରିବା ପାଇଁ ଚିନ୍ତା କରାଯାଉଥିବା ନେଇ ମଧ କେଜ୍ରିଓ୍ୱାଲ କହିଛନ୍ତି। ସମସ୍ତ ପ୍ରାଇମେରୀ ସ୍କୁଲ ବନ୍ଦ ହେବା ସହ ପଞ୍ଚ ଶ୍ରେଣୀଠାରୁ ସମସ୍ତ ଉପରୋକ୍ତ ଶ୍ରେଣୀର ପିଲାଙ୍କ ପାଇଁ ଆଉଟଡୋର୍ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି। ଏଥିସହ ଉତ୍ତର ଭାରତକୁ ପ୍ରଦୂଷଣରୁ ରକ୍ଷା କରିବା ପାଇଁ କେନ୍ଦ୍ର ବିଶେଷ ପଦକ୍ଷେପ ନେବା ଆବଶ୍ୟକ, ଦୋଷ ଏବଂ ରାଜନୀତିର ସମୟ ନାହିଁ ବୋଲି କେଜ୍ରିଓ୍ୱାଲ କହିଛନ୍ତି। ଦିଲ୍ଲୀରେ ବାୟୁର ଗୁଣବତ୍ତା ଦିନକୁ ଦିନ ଅତ୍ୟନ୍ତ ଖାରପ ଶ୍ରେଣୀରେ ପହଞ୍ଚିଲାଣି। ଏଠାରେ ନିଶ୍ୱାସ ନେବା ବି ମୁସ୍ ?କିଲ ହେଲାଣି। ଏହା ପୂରା ଉତ୍ତର ଭାରତର ସମସ୍ୟା। ଦିଲ୍ଲୀ, ଚରଖି, ଦାଦରୀ, ଜିନ୍ଦ, ମାନେସର, ଫରିଦାବାଦ ସବୁଠି ସ୍ଥିତି ଗମ୍ଭୀର ରହିଛି। ଏଥିପାଇଁ ଆମ ଆଦମୀ ପାର୍ଟି ଦାୟୀ ନୁହେଁ। ଏଥିପାଇଁ କେନ୍ଦ୍ର ସରକାର କିଛି ଉଚିତ ପଦକ୍ଷେପ ନେବା ଉଚିତ ବୋଲି କେଜ୍ରିଓ୍ୱାଲ କହିଛନ୍ତି। ପଞ୍ଜାବରେ ଆମ୍ ଆଦମୀ ପାର୍ଟି ସରକାର ଅଛି। ଏଠାରେ ଜଳୁଥିବା ନଡା ପାଇଁ ଆମେ ଦାୟୀ। ତେବେ ଏହାକୁ ନେଇ ରାଜନୀତି କରିବା କିମ୍ବା ପରସ୍ପର ଉପରକୁ ଆଙ୍ଗୁଠି ଉଠାଇବା ଠିକ୍ ନୁହେଁ। ଏହାଦ୍ୱାରା ସମାଧାନର ବାଟ ବାହାରିବ ନାହିଁ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଗୁଜରାଟ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କଲା ଆମ୍ ଆଦ୍‌ମୀ ପାର୍ଟି



ନୂଆଦିଲ୍ଲୀ, ୦୪/୧୧ : ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ବାଜି ସାରିଛି ବିଗୁଲ । ଏହା ପରେ ଶୁକ୍ରବାର ଆମ ଆଦମୀ ପାର୍ଟି ନିଜର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଛି । ପୂର୍ବତନ ସାମ୍ବାଦିକ ତଥା ଆମ ଆଦର୍ମି ପାର୍ଟିର ରାଷ୍ଟ୍ରୀୟ ମିଳିତ ସାଧାରଣ ସମ୍ପାଦକ ଇସୁଦାନ ଗଢବୀଙ୍କ ଉପରେ ଆଶା ପ୍ରକଟ କରିଛନ୍ତି ଦଳର ମୁଖିଆ ଅରବିନ୍ଦ କେଜ୍ରିଓ୍ୱାଲ । ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ପାଇଁ ପଂଜାବ ଫମୂଲା ଆପଣାଇଥିଲା ଆପ । ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବାଛିବା ପାଇଁ ଜନତାଙ୍କ ମତାମତ ଲୋଡିଥିଲା । ମୋବାଇଲ ମାଧମରେ ସଂଗ୍ରହ ହୋଇଥିଲା ମୋଟ ୧୬ଲକ୍ଷ ୪୮ହଜାର ୫ଶହ ଭୋଟ । ଯେଉଁଥିରେ ୧୬ଲକ୍ଷରୁ ଅଧିକ ଭୋଟ ଇସୁଦାନଙ୍କ ସପକ୍ଷରେ ଆସିଥିଲା । ଜନମତ ଆଧାରରେ ଦଳ ଶୁକ୍ରବାର ଇସୁଦାନଙ୍କ ନାଁରେ ମୋହର ମାରିଛି । ଅହମଦାବାଦରେ କାର୍ଯ୍ୟକ୍ରମର ଆୟୋଜନ କରି ଦଳ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନାଁ ଘୋଷଣା କରିଛି । ୪୦ବର୍ଷୀୟ ଇସୁଦାନ ପେଶାରେ ଜଣେ ସାମ୍ବାଦିକ । ବର୍ଷକ ପୂର୍ବରୁ ସାମ୍ବାଦିକତା ଛାଡି ରାଜନୀତିରେ ପ୍ରବେଶ କରିଥିଲେ ଓ ଆମ ଆଦମୀ ପାର୍ଟିରେ ଯୋଗ ଦେଇଥିଲେ । ଗୁଜରାଟର ପଛୁଆବର୍ଗ ▶▶ପୃଷ୍ଠା ୭

## ନଭେମ୍ବର ୨୪ରୁ ବିଧାନସଭା ଅଧିବେଶନ

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ଷୋଡ଼ଶ ବିଧାନସଭାର ଏକାଦଶ ଅଧିବେଶନ ଚଳିତ ନଭେମ୍ବର ୨୪ରୁ ଆରମ୍ଭ ହୋଇ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସର୍ବଦଳୀୟ ବୈଠକ ଡକାଯାଇ ବିଧାନସଭା ଅଧିବେଶନ ନିମନ୍ତେ ମାର୍ଗଦର୍ଶିକା ଏବଂ ଏ ସଂକ୍ରାନ୍ତୀୟ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଷ୍ପତି ନିଆଯିବ ବୋଲି ବାଚସ୍ପତି ଶ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି। ପ୍ରତି କ୍ୟାଲେଣ୍ଡର ବର୍ଷରେ ୬୦ ଦିନ ବିଧାନସଭାର ବୈଠକ ବସିବାର ନିୟମ ରହିଛି । ବର୍ତମାନ ସୁଦ୍ଧା ୨୦୨୨ ବର୍ଷରେ ୨୭ ଦିନ ବିଧାନସଭାର ବୈଠକ ବସିସାରିଛି। ଏଣୁ ଅବଶିଷ୍ଟ ୩୩ ଦିନ ପାଇଁ ଏହି ଅଧିବେଶନ ବସିବା ନିମନ୍ତେ ସ୍ଥିର କରାଯାଇଛି ବୋଲି ବାଚସ୍ପତି ଶ୍ରୀ ଆରୁଖ କହିଛନ୍ତି । ବାଚସ୍ପତିଙ୍କ ନିର୍ଦ୍ଦେଶରେ ବିଧାନସଭା ସଚିବଦାଶରଥୀ ଶତପଥୀ ବିଧାନସଭା ଅଧିବେଶନର କାର୍ଯ୍ୟନିର୍ଘଂଟ ବାବଦରେ ସମସ୍ତ ସଦସ୍ୟ, ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ, ଆଡ୍‌ଭୋକେଟ୍ ଜେନେରାଲ୍, ଲୋକସଭା ସଚିବାଳୟର ସେକ୍ରେଟାରୀ ଜେନେରାଲ୍, ଭାରତ ନିର୍ବାଚନ ଆୟୋଗଙ୍କ ସଚିବ, କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଏବଂ ଅନ୍ୟ ସଂପୃକ୍ତ କାର୍ଯ୍ୟାଳୟଙ୍କୁ ଅବଗତ କରାଇଛନ୍ତି । ଏହି ଅଧିବେଶର ମୋଟ ୩୩ଟି କାର୍ଯ୍ୟଦିବସ ମଧ୍ୟରୁ ୬ଟି ବେସରକାରୀ ସଭ୍ୟଙ୍କ କାର୍ଯ୍ୟଦିବସ ଓ ୨୭ଟି ସରକାରୀ କାର୍ଯ୍ୟଦିବସ ରହିଛି । ପ୍ରଥମ ଦିବସରେ ଦୁଇଜଣ ଆସୀନ ସଦସ୍ୟ ସ୍ୱର୍ଗତ ବିଷ୍ଣୁଚରଣ ସେଠୀ ଏବଂ ସ୍ୱର୍ଗତ ବିଜୟ ରଞ୍ଜନ ସିଂବରିହାଙ୍କ ସମେତ ଅନ୍ୟାନ୍ୟ ଦିବଂଗତ ପୂର୍ବତନ ସଦସ୍ୟମାନଙ୍କ ବିୟୋଗରେ ଶୋକପ୍ରସ୍ତାବ ଆଗତ କରାଯିବା ସହ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବ୍ୟୟ ତାଲିକା ଉପସ୍ଥାପିତ ହେବ ।

## ଦିଲ୍ଲୀ ନଗର ନିଗମ ନିର୍ବାଚନ ପାଇଁ ଘୋଷଣା ହେଲା ତାରିଖ

ନୂଆଦିଲ୍ଲୀ, ୦୪/୧୧ : ଦିଲ୍ଲୀ ନଗର ନିଗମ (ଏମସିଡି) ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି । ଦିଲ୍ଲୀ ନିର୍ବାଚନ ଆୟୋଗ ବିଜୟ ଦେବ ଆଜି ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି କି ନଭେମ୍ବର ୭ ତାରିଖରେ ଏଥିପାଇଁ ନାମାଙ୍କନ ଆରମ୍ଭ ହେବ ଓ ନଭେମ୍ବର ୧୪ ତାରିଖରେ ନାମଙ୍କନ ଶେଷ ହେବ । ଏହାପରେ ଡିସେମ୍ବର ୪ ତାରିଖରେ ଭୋଟ ଗ୍ରହଣ ହେବ ୭ ତାରିଖରେ ଫଳାଫଳ ଘୋଷଣା କରାଯିବ । ବିଜୟ ଦେବ କହିଛନ୍ତି କି ଦିଲ୍ଲୀର ମୋଟ ୯୮ ଟି ବିଧାନସଭା କ୍ଷେତ୍ର ନଗର ନିଗମ ପରିସରକୁ ଆସୁଛି । ଏଥିରେ ୨୫୦ ଟି ଓ୍ୱାର୍ଡ ରହିଛି । ଏହି ଭୋଟିଂ ପ୍ରକ୍ରିୟା ପୂର୍ବଥର ଭଳି ଇଭିଏମ ସହାୟତାରେ ହେବ ଓ ଏଥିପାଇଁ ୫୦ ହଜାର ଇଭିଏମ ମେସିନ ବ୍ୟବହାର କରାଯିବ ।

## ବହୁଭାଷୀ ଶିକ୍ଷକମାନଙ୍କ ଦରମା ବଢ଼ିଲା

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ରାଜ୍ୟ ସରକାର ବହୁଭାଷୀ ଶିକ୍ଷକମାନଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କର ମାସିକ ପାରିଶ୍ରମିକ ୩୨୦୦ ଟଙ୍କାରୁ ୫୩୭୯ ଟଙ୍କାକୁ ବୃଦ୍ଧି କରିଛନ୍ତି । ବର୍ତମାନ ପରିସ୍ଥିତିରେ ମାସିକ ୩୨୦୦ ଟଙ୍କାରେ ବହୁଭାଷୀ ଶିକ୍ଷକମାନେ ଅସୁବିଧାରେ ଚଳୁଥିବା ଏବଂ ସେମାନେ ନିଜର ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରୁଥିବା ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତି ନେଇଛନ୍ତି। ପ୍ରକାଶଯୋଗ୍ୟ ଯେ ରାଜ୍ୟରେ ୨୦୦୭-୦୮ ମସିହାରେ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଭିମୁଖୀ କରିବା ଏବଂ ବିଦ୍ୟାଳୟରେ ଯୋଗଦାନ କରିବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ପାଇଁ ବହୁଭାଷୀ ଶିକ୍ଷକ (ଏମ୍.ଏଲ୍.ଇ-ଇଭିଏସ୍) ନିଯୁକ୍ତି ଦିଆଯାଇଥିଲା। ଅନୁସୂଚିତ ଅଂଚଳର ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁକୂଳ ଶିକ୍ଷାଦାନ ଏବଂ ଅନୁସୂଚିତ ଜନଜାତି ପିଲାଙ୍କୁ ନିଜ ମାତୃଭାଷାରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ସୃଷ୍ଟି ପାଇଁ ୨୨୧ ଜଣ ବହୁଭାଷୀ ଶିକ୍ଷକ ନିୟୋଜିତ କରାଯାଇଥିଲା। ସେମାନେ କନ୍ଧମାଳ, ମାଲକାନଗିରି, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାର ବିଦ୍ୟାଳୟଗୁଡ଼ିକରେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ୨୦୨୦ ମସିହାରୁ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସେମାନେ ମାସିକ ୩୨୦୦ ଟଙ୍କା ପାରିଶ୍ରମିକ ପାଉଥିଲେ।

## ଦିଲ୍ଲୀ ପ୍ରଦୂଷଣ ଉପରେ ବଡ଼ ଆକ୍ସନ : ୫୦ ପ୍ରତିଶତ କର୍ମଚାରୀ କରିବେ 'ଓ୍ୱାର୍କ ଫ୍ରମ ହୋମ'



ନୂଆଦିଲ୍ଲୀ, ୦୪/୧୧ : ଦେଶର ରାଜଧାନୀ ଦିଲ୍ଲୀରେ ଲଗାତର ପ୍ରଦୂଷିତ ବାୟୁ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ସ୍ଥିତି ଦିନକୁ ଦିନ ଖରାପ ହେଉଥିବାରୁ ଦିଲ୍ଲୀ ସରକାର କିଛି ବଡ଼ ନିଷ୍ପତି ନେଇଛନ୍ତି । ସରକାରୀ କର୍ମଚାରୀଙ୍କୁ ଘରେ କାମ କରିବା ସହ ପ୍ରାଥମିକ ସ୍କୁଲ ବନ୍ଦ କରିବାକୁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର । ବାୟୁ ପ୍ରଦୂଷଣ ସ୍ଥିତିରେ ସୁଧାର ଆଣିବା ପାଇଁ ପ୍ରଥମରୁ ପଞ୍ଚମ ଯାଏଁ ସ୍କୁଲ ବନ୍ଦ କରିବାକୁ ନିଷ୍ପତି ନିଆଯାଇଛି । ଏହାଛଡ଼ା ପଞ୍ଚମରୁ ଊର୍ଦ୍ଧ୍ୱର୍ କ୍ଲାସଗୁଡ଼ିକର ବାହାର ଗତିଶୀଳ ଉପରେ ମଧ କଟକଣା ଲଗାଯାଇଛି । ବାୟୁ ପ୍ରଦୂଷଣ ବଢ଼ୁଥିବାରୁ ନୋଏଡାର ଗୌତମବୁଦ୍ଧ ନଗରରେ ନଭେମ୍ବର ୮ ତାରିଖ ଯାଏଁ ସ୍କୁଲ ବନ୍ଦ କରିବାକୁ ନିଷ୍ପତି ନିଆଯାଇଛି । ଏହାବ୍ୟତୀତ ସିନିୟର ପିଲାଙ୍କ ପାଇଁ ଅନଲାଇନ୍ କ୍ଲାସ କରିବାକୁ ପ୍ରସ୍ତାବ ଦିଆଯାଇଛି । ସେହିପରି ଦିଲ୍ଲୀରେ ଅଡ୍-ଇଭିନ୍ ଉପରେ ବିଚାର କରାଯାଉଥିବା କହିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ । ପ୍ରଦୂଷଣ ରୋକିବାକୁ ୬ ନିଷ୍ପତି– ଅତ୍ୟାବଶ୍ୟକ ସେବା ପ୍ରଦାନ କରୁଥିବା ଟ୍ରକ ଓ ସମସ୍ତ ସିଏନଜି, ଇଲେକଟ୍ରିକ ଟ୍ରକ୍କୁ ଛାଡ଼ି ଦିଲ୍ଲୀରେ ଟ୍ରକର ପ୍ରବେଶ ଉପରେ କଟକଣା, ଅତ୍ୟାବଶ୍ୟକ ସେବା ବ୍ୟତୀତ ପଞ୍ଜୀକୃତ ଡିଜେଲଚାଳିତ ଯାନ ଓ ଭାରୀ ସାମଗ୍ରୀ ଯାନ ଚଳାଚଳ ଉପରେ କଟକଣା, ଅତ୍ୟାବଶ୍ୟକ ଓ ଜରୁରୀକାଳୀନ ସେବା ପାଇଁ ବ୍ୟବହୃତ ବିଏସ-୬କୁ ଛାଡ଼ି ଦିଲ୍ଲୀ-ଏନସିଆରରେ ୪ ଚକିଆ ଡିଜେଲ ଏଲଏମବିଏସର ଚଳାଚଳ ଉପରେ କଟକଣ, ଦିଲ୍ଲୀ-ଏନସିଆରରେ ରାଜପଥ, ଫ୍ଲାଏଓଭର, ପାଇପଲାଇନ୍ ଭଳି ସରକାରୀ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଉପରେ ରୋକ, ୫୦% କର୍ମଚାରୀଙ୍କୁ ଘରେ କାମ କରିବାକୁ ଅନୁମତି, ପରିବେଶ ଆଇନ୍ ସଠିକ୍ ଭାବେ କାର୍ଯ୍ୟକାରୀ ପାଇଁ ୬ଜଣିଆ ମନିଟରିଂ କମିଟି ଗଠନ । ସେପଟେ ଦିଲ୍ଲୀ ବାୟୁ ପ୍ରଦୂଷଣକୁ ନେଇ ରାଜନୈତିକ ବୟାନବାଜି ମଧ ଜୋର ଧରିଛି । ପଞ୍ଜାବରେ ନଡ଼ା ଜାଳିବାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ । ସେ ଏଥିପାଇଁ ▶▶ପୃଷ୍ଠା ୭

## ଏମ୍ସରୁ ୧୨ ଜଣ ଦଲାଲଙ୍କୁ ଗିରଫ କଲା କମିଶନରେଟ ପୁଲିସ

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ଖଣ୍ଡଗିରି ପୋଲିସ ଭୁବନେଶ୍ୱର ଏମ୍ସରୁ ୧୨ ଦଲାଲଙ୍କୁ ପୁଲିସ ଗିରଫ କରିଥିବା ଜଣା ପଡିଛି । ଡାକ୍ତରଖାନାକୁ ଦଲାଲ ମୁକ୍ତ କରିବା ଉଦ୍ଦେଶ୍ୟରେ ଚଳା ଯାଇଥିବା ଅଭିଯାନରେ ଏମାନଙ୍କୁ ଗିରଫ କରାଯାଇଛି। ପୋଲିସ ପକ୍ଷରୁ ଏବେ ଧରପଗଡ଼ ଜାରି ରହିଛି। ଆଗକୁ ଦଲାଲଙ୍କ ଗିରଫଦାରୀ ସଂଖ୍ୟା ବଢିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏମସ୍ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି ଭୁବନେଶ୍ୱର ଏମସ୍ ରେ ଦଲାଲଙ୍କ ପ୍ରାଦୁର୍ଭାବ ରହିଛି। ଦଲାଲମାନେ ବାହାରେ ଟିକେଟ ବିକୁଛନ୍ତି। ଲୋକଙ୍କୁ ହଇରାଣ କରୁଛନ୍ତି। କିନ୍ତୁ ଦଲାଲି କାରବାରରେ ଏମସ୍ କର୍ମଚାରୀଙ୍କ ସଂପୃକ୍ତି ସୂଚନା ନାହିଁ। ଏମସ୍ କର୍ମଚାରୀଙ୍କ ସଂପୃକ୍ତି ଜଣାପଡ଼ିଲେ ଦୃଢ କାର୍ଯ୍ୟାଷାନ ନିଆଯିବ।

## ଫଟୋ ସାମ୍ବାଦିକଙ୍କୁ ପୋଲିସ୍‌ର ମାଡ : କାର୍ଯ୍ୟାନୁଷ୍ଠାନ ଶୂନ

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ଭୁବନେଶ୍ୱରରେ ଜଣେ ଫଟୋ ସାମ୍ବାଦିକଙ୍କୁ ପୋଲିସ୍ ମାଡ଼ ମାରିବା ଘଟଣାର ଦିନକ ପରେ ମଧ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି କହିଛନ୍ତି ଯେ, ସାମ୍ବାଦିକଙ୍କୁ ପୋଲିସ୍ ସୁରକ୍ଷା ଦେବା ପରିବର୍ତେ ସେମାନଙ୍କୁ ମାଡ଼ ମାରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ।' ଆଜି ରାକେଶ ଓ ଅନ୍ୟ ସାମ୍ବାଦିକମାନେ ଭୁବନେଶ୍ୱର ଡିସିପିଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ପ୍ରମାଣ ଦେଖିବା ପରେ ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଡିସିପି ରାକେଶଙ୍କୁ କହିଥିଲେ। ଏହାସହ ଭାଙ୍ଗି ଯାଇଥିବା କ୍ୟାମେରାର ମରାମତି କରିଦେବେ ବୋଲି ଡିସିପି ପ୍ରତିଶ୍ରୁତି ଦେଇଥିବା ରାକେଶ କହିଛନ୍ତି। ସୂଚନାଯୋଗ୍ୟ ଗତକାଲି ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଗେଟ୍ ସମ୍ମୁଖରେ ଫଟୋ ସାମ୍ବାଦିକ ରାକେଶ ରାଉଳଙ୍କୁ ଜଣେ ପୋଲିସ୍ ଅଧିକାରୀ ମାଡ଼ ମାରିଥିଲେ। ଯାହାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ନ୍ୟୁଜିଲାଣ୍ଡ୍ ହକି ଟିମ୍ ଷ୍ଟାଡିୟମ ଅଭିମୁଖେ ଯାଉଥିବା ବେଳେ ଫଟୋ ଉଠାଇବାରୁ ସମ୍ପୃକ୍ତ ପୋଲିସ୍ ଫଟୋ ସାମ୍ବାଦିକ ରାକେଶଙ୍କ କ୍ୟାମେରାକୁ ଛଡ଼ାଇ ନେଇଥିଲେ। ଏହାସହ ରାସ୍ତାରେ ଘୋଷାଡ଼ି ତାଙ୍କୁ ପିଟି ଥିଲେ।

## ଧାମନଗର ଉପନିର୍ବାଚନ : ମତଦାନ ହାର ୬୮.୯୮



ଭଦ୍ରକ,୦୪/୧୧ (ନି.ପ୍ର): ୪୬-ଧାମନଗର ଏସ୍.ସି. ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୦୩.୧୧.୨୦୨୨ ରେ ଅନୁଷ୍ଠିତ ମତଦାନରେ ଶତକଡ଼ା ୬୮.୯୮ ଭୋଟର ମତଦାନ କରିଛନ୍ତି। ସୂଚନା ଯୋଗ୍ୟ କି ଏହି ନିର୍ବାଚନ ମଣ୍ଡଳୀ ପାଇଁ ଭୋଟର ତାଲିକା ଅନୁଯାୟୀ ସମୁଦାୟ ୨,୩୮,୪୧୭ ଭୋଟର ମାନଙ୍କ ମଧ୍ୟରୁ ୧,୬୪,୪୬୫ ଜଣ ଭୋଟ ମତଦାନ କରିଛନ୍ତି। ସମୁଦାୟ ପୁରୁଷ ଭୋଟର ୧,୨୩,୦୩୮ ରୁ ଭୋଟ ଦେଇଛନ୍ତି ୭୯,୦୧୧ ଏବଂ ସମୁଦାୟ ମହିଳା ଭୋଟର ୧,୧୫,୩୪୬ ମଧ୍ୟରୁ ଭୋଟ ଦେଇଛନ୍ତି ୮୫,୪୫୨। ପୁରୁଷ ଭୋଟରଙ୍କ କ୍ଷେତ୍ରରେ ଶତକଡ଼ା ମତଦାନ ହାର ୬୪.୨୨ ଏବଂ ମହିଳା ଭୋଟରଙ୍କ ପୋଲିଂ ହାର ୭୪ ଶତକଡ଼ା। ବୁଥ୍ ନଂ ୬୯ ବାରୋ ନୋଡ଼ାଲ ହାଇସ୍କୁଲ, ବାରୋ ରେ ମତଦାନ ହାର ୫୪.୮୭ ସର୍ବନିମ୍ନ ଥିବା ବେଳେ ସର୍ବାଧିକ ମତଦାନ ହାର ୮୩.୩୨ ଥିଲା ବୁଥ୍ ନମ୍ବର ୧୧୬ ଜୟନଗର ସରକାରୀ ପ୍ରାଇମେରୀ ସ୍କୁଲ। ମତଦାନ ସଂଗ୍ରହ ପ୍ରକ୍ରିୟା ପରେ ସମସ୍ତ ଇ.ଭି.ଏମ୍. ଓ ଭିଭିପାଟକୁ କଡ଼ା ପ୍ରହରା, ସିସିଟିଭି ଅଧୀନରେ ଷ୍ଟ୍ରଙ୍ଗରୁମ୍ ମଧ୍ୟରେ ସୁରକ୍ଷିତ ରଖାଯାଇଛି। ଷ୍ଟ୍ରଙ୍ଗ୍ ରୁମ୍ ଭିତରର ଦୃଶ୍ୟକୁ ଏଲ.ଇ.ଡ଼ି. ଜରିଆରେ ପ୍ରଦର୍ଶନ ବ୍ୟବସ୍ଥା କରାଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ▶▶ପୃଷ୍ଠା ୭

## ୨୩ରୁ ମାଟ୍ରିକ ସମେଟିଭ୍ -୧ ପରୀକ୍ଷା

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ଆସନ୍ତା୨୩ରୁ ୩୦ ତାରିଖ ଯାଏଁ ମାଟ୍ରିକ ସମେଟିଭ୍ ଆସେସ୍‌ମେଂଟ-୧ ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଆଜି (ଶୁକ୍ରବାର)ଠାରୁ ଛାତ୍ରଛାତ୍ରୀମାନେ ଅନଲାଇନ୍ ରେ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ରାଜ୍ୟର ମୋଟ ୩୦୨୯ ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ସମେଟିଭ୍- ୧ ପରୀକ୍ଷା ପାଇଁ ୫ ଲକ୍ଷ ୩୨ ହଜାର ୭୧୨ ପରୀକ୍ଷାର୍ଥୀ ଫର୍ମ ଫିଲଅପ୍ କରିଛନ୍ତି। ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁସାରେ ପରୀକ୍ଷା ପାଇଁ ୩୧୬ ନୋଡାଲ ସେଂଟରରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷାରେ ରହିବ। ଛାତ୍ରଛାତ୍ରୀମାନେ ଆଜିଠାରୁ ବୋର୍ଡ ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡିଶା.ଏସି.ଇନ୍ ରୁ ଆଡମିଟ କାର୍ଡ ଡାଉନଲୋଡ କରିପାରିବେ। ନଭେମ୍ବର ୧୧ ତାରିଖ ଠାରୁ ଭୋକେସନାଲ ପ୍ରାକ୍ଟିକାଲ ପରୀକ୍ଷା ହେବ।୧୦୧୨ଟି ସ୍କୁଲରେ ପ୍ରାକ୍ଟିକାଲ ପରୀକ୍ଷା ନଭେମ୍ବର ୧୮ ତାରିଖ ଯାଏଁ ଚାଲିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସେହିପରି ଚଳିତବର୍ଷ ମାଧ୍ୟମା ପରୀକ୍ଷା ୨୯୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେମାନଙ୍କ ପାଇଁ ୧୦୮ଟି ସେଂଟର କରାଯାଇଛି। ଓପନ ସ୍କୁଲ ପାଇଁ ୭୧୮୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେମାନଙ୍କ ପାଇଁ ୧୪୬ଟି ସେଂଟର କରାଯାଇଛି। ମଧ୍ୟମା ଓ ଓପନ ପରୀକ୍ଷାର୍ଥୀଙ୍କ ପାଇଁ ୧୭ ତାରିଖରୁ ୱେବ୍‌ସାଇଟ୍‌ରୁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ।

## କୁକୁର ବି ରକ୍ତଦାନ କରନ୍ତି

ଅନ୍ୟର ଜୀବନ ବଞ୍ଚାଇବା ଲାଗି କେବଳ ମଣିଷ ରକ୍ତଦାନ କରନ୍ତି ନାହିଁ, ସବୁଠାରୁ ବିଶ୍ୱସ୍ତ ପ୍ରାଣୀ କୁକୁର ବି ରକ୍ତଦାନ କରି ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ । କୁକୁରଙ୍କଠାରୁସଂଗୃହୀତ ରକ୍ତ ପୋଷା କୁକୁର ଏବଂ ବିଲେଇଙ୍କର ମଧ୍ୟ ଜୀବନ ରକ୍ଷା କରିପାରେ । ଏପରିକି ବୁଲା କୁକୁରଙ୍କଠାରୁ ମଧ୍ୟ ରକ୍ତ ସଂଗ୍ରହ କରାଯାଇପାରିବ । ପଶୁ ଚିକିତ୍ସକଙ୍କ କହିବା ଅନୁସାରେ, ମଣିଷ କପରି କୁକୁରଙ୍କ ରକ୍ତରେ ମଧ୍ୟ ପ୍ଲେଟଲେଟସ୍, ପ୍ଲାଜମା, ଆରବିସି, ଡବ୍ଲୁବିସି ରହିଥାଏ । ଏମାନଙ୍କର ତିନିପ୍ରକାର ଗ୍ରୁପ୍, ରହିଛି-ଟି , ଓ, ଜି । ମଣିଷ ରକ୍ତ ତୁଳନାରେ କୁକୁର ରକ୍ତ ଅଧିକ ସମୟ, ଅର୍ଥାତ ୬ମାସ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରେ । କୌଣସି ରୋଗ ତଥା ଅସ୍ତ୍ରୋପଚାର ସମୟରେ କୁକୁରକୁ ରକ୍ତ ଦେବା ଆବଶ୍ୟକ ହୋଇଥାଏ । ଲାବ୍ରାଡର ଜର୍ମାନ ଶେଫର୍ଡ ଏବଂ ଡୋବରମ୍ୟାନ ପରି କୁକୁର ପ୍ରାୟତଃ ଏନିମିଆ ର ଶିକାର ହୋଇଥାନ୍ତି । ତେଣୁ ଏମାନଙ୍କୁ ଅନେକ ସମୟରେ ରକ୍ତ ଦେବା ଆବଶ୍ୟକ ହୋଇଥାଏ । ବର୍ଷକରୁ ୭ବର୍ଷ ବୟସର କୌଣସି ସୁସ୍ଥ କୁକୁର ରକ୍ତଦାନ କରିପାରିବେ । ଥରକେ ଗୋଟିଏ କୁକୁର ୧ ୟୁନିଟ୍ ବା ୩୫୦ ମିଲି ରକ୍ତଦାନ କରିପାରେ । ଥରେ ରକ୍ତଦାନ କରିବାର ୪୫ଦିନ ଯାଏ କୁକୁରଠାରୁ ଆଉ ରକ୍ତ ନିଆଯାଇପାରିବ ନାହିଁ । ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ହସପିଟାଲ ଆସିଥିବା ବୁଲା କୁକୁର ଚିକିତ୍ସା ପରେ ସେହିଠାରେ ରହିଯାନ୍ତି ଏବଂ ପରେ ଆବଶ୍ୟକ ସମୟରେ ସେମାନେ ରକ୍ତଦାନ କରି ବହୁ ଦାମୀ ପୋଷାକୁକୁରଙ୍କ ଜୀବନ ରକ୍ଷା କରିପାରନ୍ତି ।



## ମିଠା ପୁରି

**ଆବଶ୍ୟକ ସାମଗ୍ରୀ:** କ୍ଷୀର, ଘିଅ, ମଇଦା, ଗ୍ରାଇଣ୍ଡିଂ ହୋଇଥିବା ଚିନି, ତେଲ, ଗ୍ରାଇଣ୍ଡିଂ ହୋଇଥିବା ନଡ଼ିଆ, ଗୁଜରାତି ଗୁଣ୍ଡ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଇଦା ନିଅନ୍ତୁ। ସେଥିରେ ଚିନି ପାଉଡର, ଗ୍ରାଇଣ୍ଡି ହୋଇଥିବା ନଡ଼ିଆ,ଗୁଜରାତି ଗୁଣ୍ଡ ଏବଂ ଘିଅ ପକାଇ ଭଲ ଭାବରେ ଗୋଳାନ୍ତୁ। ପରେ ଏଥିରେ କ୍ଷୀର ପକାଇ ଭଲ ଭାବରେ ଚକଟି ଦିଅନ୍ତୁ। ଚକଟା ହୋଇଥିବା ମଇଦାକୁ କିଛି ସମୟ ପାଇଁ ଘୋଡ଼ାଇ ରଖନ୍ତୁ। ପରେ ମଇଦାକୁ ବାହାର କରି ଛୋଟ ଛୋଟ ଗୋଳା କରନ୍ତୁ ଏବଂ ପୁରି ସାଇଜରେ ବେଲନ୍ତୁ।

ଏବେ କରେଇରେ ତେଲ ଗରମ କରନ୍ତୁ। ସେଥିରେ ବେଲା ହୋଇଥିବା ପୁରିକୁ ପକାନ୍ତୁ। ପୁରି ଟିକେ ଫିକା ନାଲି ରଙ୍ଗରେ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏହା ପରେ ଏହାକୁ ଏକ ଥାଳିରେ ବାହାର କରି ରଖନ୍ତୁ। ପ୍ରସ୍ତୁତ ହୋଇଗଲା ମିଠା ପୁରି।



## ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଭୋଜନର ଆବଶ୍ୟକତା



ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ପ୍ରତ୍ୟେକ ବର୍ଗ ତଥା ବୟସର ଲୋକ ଭୋଜନ ଉପରେ ଗୁରୁତ୍ୱ ଦେବା ଜରୁରୀ । ଯେପରି ସକାଳ ଜଳଖିଆରେ ଏବେ ଲୋକେ ସ୍ୱାସ୍ଥ୍ୟପ୍ରଦ ଭୋଜନ ଭାବେ ଓଟ୍ସ ଖାଉଛନ୍ତି । ପୋଷକତତ୍ତ୍ୱ ଭରପୂର ଏଇ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହିତକାରୀ, କିନ୍ତୁ କେବଳ ଏହା ଖାଇଲେ ଶରୀରକୁ ଶକ୍ତି ମିଳିଥାଏ, ତାହା ଭାବିବା ଭୁଲ । ଏଣୁ ଆମିଷ ଖାଉଥିବା ଲୋକେ ବ୍ରେଡ୍ ଆମଲେଟ୍, କିମ୍ବା ସିଝା ଅଣ୍ଡା ଖାଇପାରନ୍ତି । ନଚେତ୍ ଅନ୍ୟମାନେ ରୁଟି ଦୁଇପଟ ସହ ସିଝା ତରକାରି ମଧ୍ୟ ଖାଇପାରିବେ୨ । ଏହା ସହ ଆପଣ ନିଜ ପ୍ରିୟ ଚା ଓ କଫି ପିଇଲେ ମଧ୍ୟ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡ଼େନାହିଁ । ଅନ୍ୟପାଖେ ସକାଳର ଆରମ୍ଭ ଯଦି ଗୋଟିଏ କଦଳୀ ଖାଇ ଅବା ଫ୍ରୁଟ୍ ସାଲାଡରେ ଆରମ୍ଭ ହୁଏ, ତାହା ବି ଉତ୍ତମ । ରାତିବେଳା ଭୋଜନ ୮ଟା ମଧ୍ୟରେ କରିବା ଉଚିତ । କାରଣ ଏପରି କଲେ ଖାଦ୍ୟ ହଜମ ହେବା ପାଇଁ ପର୍ଯ୍ୟାପ୍ତ ସମୟ ମିଳିଥାଏ । ପ୍ରାଚୀନ କାଳରେ ଲୋକେ ସନ୍ଧ୍ୟା ସମୟରେ ହିଁ ରାତ୍ରିଭୋଜନ ଶେଷ କରୁଥିଲେ । ଏହା ଅନ୍ୟତମ କାରଣ ଥିଲା ସେମାନଙ୍କ ନୀରୋଗ ଓ ସୁସ୍ଥ ଜୀବନଶୈଳୀର । ରାତି ଭୋଜନରେ ଅଧିକ ତେଲମସଲା ନ ଖାଇ ହାଲକା ଭୋଜନ କରନ୍ତୁ । ଭୋଜନର ଠିକ୍ ପରେପରେ ଶୋଇ ନଯାଇ କିଛି ଚଲାବୁଲା କରିବା ଉଚିତ । ଦ୍ୱିପ୍ରହର ଭୋଜନକୁ ମଧ୍ୟ ଗୁରୁତ୍ୱ ଦିଅନ୍ତୁ । ଏଥିରେ ସାଲାଡ, ଭାତ ଡାଲି ଓ ତରକାରି ଖାଆନ୍ତୁ । ଅନ୍ୟ ସମୟରେ ଭୋକ ଲାଗିଲେ ଏଣୁତେଣୁ ନ ଖାଇ ବରଂ ବାଦାମ ଭଜା, ଚୁଡ଼ା ଭଜା ଇତ୍ୟାଦି ଜଳଖିଆ ଖାଇବା ଉଚିତ । ଏତ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏସବୁ ଭୋଜନର ନିତାନ୍ତ ଆବଶ୍ୟକତା ରହିଛି । ଦୈନିକ ନିଜ ଖାଦ୍ୟରେ ଗାଜର, ବ୍ରୋକୋଲି,ଫୁଲକୋବି, ବିନ୍ସ, ବିଟ୍ ଇତ୍ୟାଦି ସାମିଲ କରିବାକୁ ଚେଷ୍ଟା କରନ୍ତୁ । ଏସବୁ ପରିବା ସହଜରେ ହଜମ ହେବା ସହ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ଶକ୍ତି ଯୋଗାଇଥାଏ ।





## କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ




ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍ସକୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ଆଇଆର- ୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

## ଖାଇବା ପରେ ନିଦ ଲାଗେ କାହିଁକି ?



ବହୁତ ଲୋକ ଅଛନ୍ତି, ଯାହାଙ୍କୁ ଖାଦ୍ୟ ଖାଇସାରିଲା ପରେ ନିଦ ଆସିଥାଏ । ଏହା ଏକ ସାଧାରଣ କଥା । ଖାଦ୍ୟ ଖାଇଲା ପରେ ଶରୀରରେ ପାଚନ ପ୍ରକ୍ରିୟା ହୋଇଥାଏ, ଫଳରେ ଶରୀରରେ କିଛି କେମିକାଲ ପରିବର୍ତ୍ତନ ଦେଖାଯାଇଥାଏ । ସବୁ ସମୟ ଖାଇବା ପରେ ଯଦି ଆପଣଙ୍କୁ ନିଦ ଲାଗିଥାଏ, ତେବେ ଏହା ଏକ ଖରାପ କଥା । ଏହାଦ୍ୱାରା ଶରୀର ଉପରେ କୁପ୍ରଭାବ ପଡ଼ିଥାଏ । ଏଥିପାଇଁ ଆପଣ ବିଶେଷଜ୍ଞ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

ଆମ ପେଟ ଖାଦ୍ୟରେ ପୂର୍ଣ୍ଣ ହୋଇଥାଏ, ନିଦ ଲାଗିଥାଏ । ଏହାର କାରଣ ବହୁତ ପ୍ରକାର ଥାଏ । ଯେପରି କେଉଁ ପ୍ରକାର ଖାଦ୍ୟ ଗ୍ରହଣ କରିବା, କିପରି ଶୋଇବା, ସ୍ୱାସ୍ଥ୍ୟର ଅବସ୍ଥା ଇତ୍ୟାଦି । ଶରୀର କାର୍ଯ୍ୟକ୍ଷମ କରିବା ପାଇଁ ଶକ୍ତିର ଆବଶ୍ୟକ ଏବଂ ଶକ୍ତି ଖାଦ୍ୟରୁ ମିଳେ । ଖାଦ୍ୟ ଖାଇସାରିଲା ପରେ ପାଚନ ପ୍ରକ୍ରିୟା ସମୟରେ ଶରୀର ଖାଦ୍ୟର ପୋଷକ ତତ୍ତ୍ୱକୁ ଭାଙ୍ଗି ଏହାକୁ ଗ୍ଲୁକୋଜରେ ପରିଣତ କରାଇଥାଏ । ଏହି ଗ୍ଲୁକୋଜ ପରେ ଶକ୍ତିରେ ପରିଣତ ହୋଇଥାଏ । ଖାଦ୍ୟ ଖାଇସାରିଲା ପରେ ଶରୀରରୁ ଆମିଲିନ, ଗ୍ଲୁକାଗୋନ୍ ଏବଂ କୋଲେସିଷ୍ଟୋକେନିନ୍ ନାମକ କେତେକ ହରମୋନ୍ ନିର୍ଗତ ହୋଇଥାଏ । ଏହି ହରମୋନକୁ କୋଷ ଶକ୍ତିରେ ପରିଣତ କରାଇଥାଏ । ଏହି ସମୟରେ ମସ୍ତିଷ୍କରେ ସେରୋଟୋନିନ୍ ନିର୍ଗତ ହୋଇଥାଏ, ଯାହା ନିଦ କରାଇଥାଏ ଶରୀର ସବୁପ୍ରକାର ଖାଦ୍ୟ ପଦାର୍ଥକୁ ଏହିପରି ପାଚନ କରିଥାଏ, କିନ୍ତୁ କେତେକ ଗରିଷ୍ଠ ଖାଦ୍ୟରେ ପ୍ରୋଟିନର ପରିମାଣ ଅଧିକ ଥିବାରୁ ନିଦ ଲାଗିଥାଏ । ଯେପରି ଭାତ, ମାଂସ, ଛେନା, ଅଣ୍ଡା, ଚିକ୍, ମାଛ, ସୋୟାବିନ୍ ଆଦି । ସେଥିପାଇଁ ଏହିପରି ଗରିଷ୍ଠ ଖାଦ୍ୟ କମ୍ ଖାଇବା ଉଚିତ୍ ।



## ବୟସ ମାନିଛି ହାର ! ୭୨ ବର୍ଷରେ ରାଧାମଣି ଚଳାଉଛନ୍ତି ଲରି, ବସ୍, ଜେସିବି, କ୍ରେନ୍, ଟ୍ରେଲର,ରୋଡ୍ ରୋଲର ଭଳି ୧୧ ପ୍ରକାରର ଭାରୀଯାନ

ବୟସ ହାର ମାନିଛି କୋଚିର ୭୨ ବର୍ଷବୟସ୍କା ରାଧାମଣି ଆମ୍ମାଙ୍କ ନିକଟରେ। ୭୨ ବର୍ଷ ବୟସରେ ରାଧାମଣି ଚଳାଉଛନ୍ତି ଲରି, ବସ୍, ଜେସିବି, କ୍ରେନ୍, ଟ୍ରେଲର, ଫର୍କଲିଫ୍ଟ, ରୋଡ୍ ରୋଲର, ଦୁଇ ଚକିଆ ଯାନ, ଅଟୋ ଏବଂ ଅନ୍ୟ ଚାରି ଚକିଆ ଯାନ ସମେତ ୧୧ ପ୍ରକାରର ଭାରୀଯାନ। ଗାଡ଼ି ଚଳାଇବା ପାଇଁ ତାଙ୍କ ନିକଟରେ ବିଧିବଦ୍ଧ ଲାଇସେନ୍ସ ମଧ୍ୟ ରହିଛି।

ଏହି ବିରଳ ସଫଳତାର ଅଧିକାରିଣୀ ହୋଇ କୋଚିର ଥୋପମ୍ପଡିର ରାଧାମଣି ଆମ୍ମା ପ୍ରମାଣିତ କରିଛନ୍ତି ଯେ ବୟସ କଦାପି କୌଣସି ଜିନିଷ ପାଇଁ ପ୍ରତିବନ୍ଧକ ନୁହେଁ। ୭୨ ବର୍ଷବୟସ୍କା ରାଧାମଣି ଆମ୍ମା ପ୍ରଥମେ ୧୯୮୧ରେ କାର ଚଳାଇବା ଶିଖିଥିଲେ, ଯାହା କେବଳ ଆରମ୍ଭ ଥିଲା। ପରେ ତାଙ୍କ ଜୀବନ ଡ୍ରାଇଭିଂ କ୍ଷେତ୍ରରେ ଶିଖର ଛୁଇଁବା ସହ ତାଙ୍କର ଉଚ୍ଚ ସ୍ୱପ୍ନକୁ ସାକାର କରିଥିଲା। ସେ ଲରି, ବସ୍, ଜେସିବି, କ୍ରେନ୍, ଟ୍ରେଲର, ଫର୍କଲିଫ୍ଟ, ରୋଡ୍ ରୋଲର, ଦୁଇ ଚକିଆ ଯାନ, ଅଟୋ ଏବଂ ଶେଷରେ ପେଟ୍ରୋଲିୟମ ଉତ୍ପାଦ ପରିବହନ କରୁଥିବା ବିପଦଜନକ ଯାନ ଚଳାଇବା ପାଇଁ ଲାଇସେନ୍ସ ଅର୍ଜନ କରିଥିଲେ।

୧୯୮୧ରେ ତାଙ୍କ ସ୍ୱାମୀ ଲାଲାନ ତାଙ୍କୁ ଗାଡି ଚଳାଇବା ଶିଖିବାକୁ ପ୍ରେରଣା ଦେବା ପରେ ରାଧାମଣିଙ୍କର ଏହି ଯାତ୍ରା ଆରମ୍ଭ ହୋଇଥିଲା। ତାଙ୍କ ସ୍ୱାମୀ ୧୯୭୦ ଦଶକରେ କୋଚିରେ ଏ-ଜେଡ୍ ନାମରେ ଏକ ଡ୍ରାଇଭିଂ ସ୍କୁଲ ଚଳାଉଥିଲେ। ୨୦୦୪ରେ ତାଙ୍କର ମୃତ୍ୟୁ ପରେ, ଏହାକୁ ବର୍ତ୍ତମାନ ରାଧାମଣି ଏବଂ ତାଙ୍କ ପିଲାମାନେ ଚଳାଉଛନ୍ତି।

ଏକ ସମୟରେ ଯେତେବେଳେ କେରଳରେ ଭାରୀଯାନ ପାଇଁ ଡ୍ରାଇଭିଂ ଲାଇସେନ୍ ?ସ ପାଇବା ପାଇଁ କୌଣସି ତାଲିମ ଅନୁଷ୍ଠାନ ନଥିଲା, ସେତେବେଳେ ଆଇନଗତ ଯୁଦ୍ଧ ଲଢି ଏପରି ଏକ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ ରାଧାମଣିଙ୍କ ସ୍ୱାମୀ। ରାଧାମଣି କହିଛନ୍ତି ଯେ ଭାରୀଯାନ ଚଳାଇବା ପାଇଁ ଲାଇସେନ୍ସ ପାଇବା ପାଇଁ ସେ କେରଳରେ ପ୍ରଥମ ତାଲିମ ପ୍ରତିଷ୍ଠାନ ଆରମ୍ଭ କରିଛନ୍ତି।

ରାଧାମଣି କହନ୍ତି, ‘ମୁଁ ପ୍ରଥମେ ଏକ ଚାରିଚକିଆ ଯାନ ଚଳାଇବା ଆରମ୍ଭ କଲି। କାରଣ ମୋ ସ୍ୱାମୀ ଏଥିରେ ଆଗ୍ରହୀ ଥିଲେ। ପରେ, ଯେତେବେଳେ ଡ୍ରାଇଭିଂ ସ୍କୁଲ୍ ଆରମ୍ଭ ହେଲା, ଆମକୁ ଏକ ଭାରୀଯାନ ଲାଇସେନ୍ସ ଆବଶ୍ୟକ ହେଲା, ଏବଂ ଏହି କ୍ରମରେ ମୁଁ ଏହାକୁ ପାଇଲି। କେରଳରେ ଏକ ଭାରୀଯାନ ଡ୍ରାଇଭିଂ ସ୍କୁଲ ଖୋଲିବାରେ ମୁଁ ପ୍ରଥମ ବ୍ୟକ୍ତି। ଯେହେତୁ ଏହା ମୋ ନାମରେ ଆରମ୍ଭ ହୋଇଥିଲା। ରାଧାମଣି ଆମ୍ମା କହନ୍ତି, ମୁଁ ୨୦୧୪ରେ ରୋଡ୍ ରୋଲର, ଟ୍ରାକ୍ଟର, କ୍ରେନ୍ ଏବଂ ଫର୍କଲିଫ୍ଟ ଯାନ ଚଳାଇବା ପାଇଁ ଲାଇସେନ୍ସ ପାଇଲି।

ଚାରି ଦଶନ୍ଧି ପୂର୍ବେ, ତାଙ୍କୁ ଏ ପେସାରେ ଦେଖି ଲୋକେ ପରିହାସ କରୁଥିଲେ। କିନ୍ତୁ, ଆଜି, ଅନେକ ଲୋକ ତାଙ୍କ କାହାଣୀ ଶୁଣିବା ପରେ ତାଙ୍କୁ ଦେଖିବାକୁ ଆସନ୍ତି। ତାଙ୍କ ଜୀବନ ଆଜି ସେମାନଙ୍କ ପାଇଁ ଏକ ପ୍ରେରଣା ପାଲଟିଛି। ରାଧାମଣି କହିଛନ୍ତି ଯେ ଜେସିବି ଚଳାଇବା ସବୁଠାରୁ କଷ୍ଟକର ଥିଲା। ଡ୍ରାଇଭିଂ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଅନେକ ଚାକିରି ସୁଯୋଗ ଅଛି। ଏହା ସ୍ୱାଗତଯୋଗ୍ୟ ଯେ ଅନେକ ମହିଳା ଆଜି ଡ୍ରାଇଭିଂକୁ ଏକ ଉତ୍ସାହ ଭାବରେ ଗ୍ରହଣ କରୁଛନ୍ତି। ଡ୍ରାଇଭିଂ କ୍ଷେତ୍ରରେ ଏକ ବଡ଼ ବିପ୍ଳବ ସୃଷ୍ଟି କରିବା ପରେ ରାଧାମଣି ଆମ୍ମା ବର୍ତ୍ତମାନ ଅଟୋମୋବାଇଲ ଇଞ୍ଜିନିୟରିଂରେ ଡିପ୍ଲୋମା ପାଇବାକୁ ଚେଷ୍ଟା କରୁଛନ୍ତି।






## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଯଥାଶୀଘ୍ର ପଦକ୍ଷେପ ନିଆଯାଉ...

ସମ୍ବିଧାନରେ ବିସ୍ତୃତ ପ୍ରାବଧାନ ସତ୍ତ୍ୱେ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ମତଭେଦ ଓ ଟଣାଓଟରା ଦୃଷ୍ଟାନ୍ତ ଦେଶରେ ବିରଳ ନୁହେଁ । ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଦାକ୍ଷିଣାତ୍ୟ ରାଜ୍ୟ କେରଳରେ । କେରଳ ରାଜ୍ୟପାଳ ଅରିଫ ମହମ୍ମଦ ଖାନ୍ ଏବଂ ପିନାରାୟି ବିଜୟନ ନେତୃତ୍ୱାଧୀନ ଏଲଡିଏଫ ସରକାରଙ୍କ ମଧ୍ୟରେ ଗତ ପ୍ରାୟ ଏକବର୍ଷ ଧରି ଲାଗିରହିଥିବା ବିବାଦ ଏବେ ଉଗ୍ରରୂପ ଧାରଣ କରିଛି । କେରଳ ଅର୍ଥମନ୍ତ୍ରୀ କେ. ଏନ. ବାଲଗୋପାଲ ତାଙ୍କର ଆସ୍ଥା ଓ ବିଶ୍ୱାସ ହରାଇଛନ୍ତି ବୋଲି ରାଜ୍ୟପାଳ ଶ୍ରୀ ଖାନ୍ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖିବା ସହ ରାଜଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଅସନ୍ତୋଷକୁ ବିସ୍ତୃତ ଭାବେ ପୁଷ୍ଟ କରିଛନ୍ତି । ମନ୍ତ୍ରୀ ଶ୍ରୀ ବାଲଗୋପାଳଙ୍କ ଆଚରଣ ଓ ମନ୍ତବ୍ୟ କେବଳ ରାଜ୍ୟପାଳଙ୍କ ପଦ ମର୍ଯ୍ୟାଦାକୁ ହାନି ଘଟାଉନାହିଁ । ଏହା ଭାରତର ଐକ୍ୟ ଓ ଅଖଣ୍ଡତା ପ୍ରତି ମଧ୍ୟ ଆଞ୍ଚ ଆଣୁଛି ବୋଲି ସେ କହିଛନ୍ତି । ଅପରପକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟନ ରାଜ୍ୟପାଳଙ୍କ ପତ୍ରର ପରାମର୍ଶ ମତେ ସଂପୃକ୍ତ ମନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକୁ ଅସ୍ୱୀକାର କରିବା ସହ ରାଜ୍ୟପାଳ ଜଣେ ରାଜନେତା ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି ବୋଲି କହିଛନ୍ତି । ତାଙ୍କ ମନ୍ତ୍ରିମଣ୍ଡଳର କେବଳ ଶ୍ରୀ ବାଲଗୋପାଳ ନୁହଁନ୍ତି, ଶିକ୍ଷାମନ୍ତ୍ରୀ ଆରବିନ୍ଦୁ ଏବଂ ଆଇନ ମନ୍ତ୍ରୀ ପି. ରାଜୀବ ମଧ୍ୟ ଶ୍ରୀ ଖାନ୍ଙ୍କ ଆଚରଣକୁ କଡ଼ା ସମାଲୋଚନା କରିଛନ୍ତି । ସିପିଏମ ମୁଖପତ୍ର 'ଦେଶାଭିମାନୀ'ରେ ଶ୍ରୀ ଖାନ୍ଙ୍କ କାର୍ଯ୍ୟକଳାପକୁ ମଧ୍ୟ ନାପସନ୍ଦ କରାଯାଇଛି । କେରଳରେ ରାଜ୍ୟପାଳ ଓ ସରକାର ବିବାଦ ସଂପର୍କିତ ଅଭିଯୋଗ ବିଚାରାଳୟ ଏବଂ ମହାମହୀମ ରାଷ୍ଟ୍ରପତିଙ୍କ ଦୃଷ୍ଟିକୁ ମଧ୍ୟ ଅଣାଯାଇଛି । ଏହା ଅବଶ୍ୟ ଅରୁଚିକର ଓ ଏକ ଖରାପ ପରମ୍ପରା ଉଦ୍ରେକକାରୀ । ଅତୀତରେ ଏଭଳି ଅନେକ ନଜିର ରହିଛି, ଯାହା ସାମ୍ପ୍ରତିକ ରାଜନୈତିକ କାର୍ଯ୍ୟଧାରା ଓ ସାମ୍ବିଧାନିକ ବ୍ୟବସ୍ଥାର ଅସହାୟତାକୁ ଲୋକଲୋଚନକୁ ଆଣିଛି । ବର୍ତ୍ତମାନର ଏହି ମତଭେଦକୁ ଯଦି ବିଶ୍ଳେଷଣ କରି ଦେଖାଯାଏ, ତେବେ ଗତବର୍ଷ ନଭେମ୍ବର ମାସରେ କେରଳର କନ୍ନୁର ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଡକ୍ଟର ଗୋପୀନାଥ ରବିନ୍ଦ୍ରନଙ୍କୁ ନିଯୁକ୍ତି ଦେବା ଘଟଣାକୁ ନେଇ ସରକାର ଓ ରାଜ୍ୟପାଳଙ୍କ ଭିତରେ ବିବାଦ ଉପୁଜିଥିଲା । ପରେ ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତିକୁ ନେଇ ଏହା ତୀବ୍ର ଆକାର ଧାରଣ କରିଥିଲା । ନିଯୁକ୍ତି ଫାଇଲକୁ ରାଜ୍ୟପାଳ ବାରମ୍ବାର ଫେରସ୍ତ ଦେବା ଓ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟନ ସ୍ୱୟଂ ରାଜଭବନକୁ ଯାଇ ରାଜ୍ୟପାଳଙ୍କ ସ୍ୱାକ୍ଷର ସଂଗ୍ରହ କରିବା ଘଟଣାକୁ ଅଧିକ ଜଟିଳ କରିଥିଲା । ସେ ବିବାଦର ନିଆଁ କୁହୁଳି ଏବେ ଜଳିବା ଆରମ୍ଭ କରିଛି । କିନ୍ତୁ ଏହାକୁ ଅଧିକ ନବଢ଼ାଇ ତୁଟାଇବା ଉଭୟ ପକ୍ଷଙ୍କ ଲାଗି ଉତ୍ତମ କେହି ଲକ୍ଷ୍ମଣରେଖା ଅତିକ୍ରମ କରିବା ଉଚିତ୍ ନୁହେଁ । ରାଜ୍ୟପାଳ ଅରିଫ ମହମ୍ମଦ ଖାନ୍ ଏବଂ କେରଳ ଅର୍ଥମନ୍ତ୍ରୀ କେ. ଏନ. ବାଲଗୋପାଳ ଉଭୟ ଆଇନ ସ୍ନାତକ ଏବଂ ଦୀର୍ଘ ଅନୁଭୂତିସଂପନ୍ନ ରାଜନେତା । ସମ୍ବିଧାନରେ ଥିବା ବ୍ୟବସ୍ଥା ସଂପର୍କରେ ସେମାନେ ଉତ୍ତମ ରୂପେ ଅବଗତ । ରାଜ୍ୟପାଳ ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଅବଶ୍ୟ । କିନ୍ତୁ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳରୁ ପରାମର୍ଶ ଅନୁସାରେ କାର୍ଯ୍ୟ କରିବା ଲାଗି ସମ୍ବିଧାନ ତାଙ୍କୁ କ୍ଷମତା ଓ ନିର୍ଦ୍ଦେଶ ପ୍ରଦାନ କରିଛି । ଜଣେ ମନ୍ତ୍ରୀଙ୍କୁ ନିଜ ଇଚ୍ଛାନୁସାରେ ବହିଷ୍କାର କରିବାର କ୍ଷମତା ସମ୍ବିଧାନତଃ ତାଙ୍କର ନାହିଁ । ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ, ସେ ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ପରାମର୍ଶ କରିପାରିବେ । ଅପରପକ୍ଷେ ରାଜ୍ୟପାଳ ଭଳି ସାମ୍ବିଧାନିକ ପଦକୁ ସମ୍ମାନ ପ୍ରଦର୍ଶନ କରିବା ପ୍ରତ୍ୟେକ ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ । ଏହା ସମ୍ବିଧାନ ପ୍ରତି ସମ୍ମାନ ପ୍ରଦର୍ଶନ ସଙ୍ଗେ ସମାନ । କିନ୍ତୁ ବାସ୍ତବତାର ସ୍ୱରୂପ ଭିନ୍ନ । କେବଳ କେରଳରେ ନୁହେଁ, ଅତୀତରେ ଏକାଧିକ ରାଜ୍ୟରେ ଏଭଳି ବିବାଦ ଘଟିବାର ଦୃଷ୍ଟାନ୍ତ ରହିଛି । ଭବିଷ୍ୟତରେ ମଧ୍ୟ ଏହାର ପୁନରାବୃତ୍ତି ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ଯଦି ଏହାକୁ ସମ୍ବିଧାନର ଦୁର୍ବଳତା ବୋଲି କୁହାଯାଏ, ତେବେ ସେଭଳି ଦୁର୍ବଳତାକୁ ଯଥାଶୀଘ୍ର ଦୂର କରାଯିବା ସମୀଚୀନ ହେବ ।



**ସୌମେନ୍ଦ୍ର ଜେନା**

# ଭାରତର ଡଲାରମୁକ୍ତ ବାଣିଜ୍ୟ

ଦୀର୍ଘଦିନ ଧରି ପୃଥିବୀରେ ଡଲାରର ପ୍ରାଧାନ୍ୟ ବଳବତ୍ତର ରହିଆସିଥିବା ଯୋଗୁ ସଙ୍କଟ ବେଳେ ଅନେକ ରାଷ୍ଟ୍ର କ୍ଷତିଗ୍ରସ୍ତ ହେଉଥିବା ଦୃଷ୍ଟିଗୋଚର ହେଉଛି । ଯେମିତି ଶ୍ରୀଲଙ୍କା, ଆଫଗାନିସ୍ଥାନ, ବଙ୍ଗଳାଦେଶ, ନେପାଳ, ପାକିସ୍ଥାନ ଆଦି ଏହାର ସ୍ପଷ୍ଟ ଉଦାହରଣ । କୋରୋନା ପରବର୍ତ୍ତୀ କାଳରେ ପର୍ଯ୍ୟଟନ, ବହିଃର୍ବାଣିଜ୍ୟ, ଉତ୍ପାଦନ, ଯୋଗାଣ କ୍ଷେତ୍ରରେ ସମନ୍ୱୟ ରକ୍ଷା କରିବା କଷ୍ଟକର ହୋଇପଡିଛି । ରୁଷ-ୟୁକ୍ରେନ ଯୁଦ୍ଧ ସାତମାସରୁ ଅଧିକ କାଳ ଧରି ଚାଲୁରହିବା ଦ୍ୱାରା ଖାଦ୍ୟଶସ୍ୟର ଯୋଗାଣ ଏବଂ ପରିବହନ ଯେମିତି ପ୍ରତିବନ୍ଧକର ସମ୍ମୁଖୀନ ହୋଇଛି । ଶକ୍ତି ଯୋଗାଣ ଦୃଷ୍ଟିରୁ ତୈଳ-ଗ୍ୟାସ ଆଦି ଏହି ସମୟରେ ଅଧିକ ଅସୁବିଧାର ସମ୍ମୁଖୀନ ହୋଇ ଆକାଶ ଛୁଆଁ ଦର ହୋଇଛି । ଏହି ପରିପ୍ରେକ୍ଷୀରେ ଅନେକ ଦେଶ ପାଖରେ ଡଲାର ଭଣ୍ଡାର ଦୁର୍ବଳ ହେବା ଯୋଗୁ ଆର୍ଥିକ ଅସ୍ଥିରତା ସୃଷ୍ଟି ହୋଇଛି । ଗୋଟିଏ ପଟେ ରୁଷିଆ ବିରୋଧୀ କଟକଣା ଯୋଗୁ ରୁଷର ସରକାର ଡଲାରରେ ବାଣିଜ୍ୟ କରିପାରୁ ନାହାନ୍ତି । ରୁଷିଆର ତୈଳ ଓ ଗ୍ୟାସ ଉପରେ ନିର୍ଭରଶୀଳ ଦେଶଗୁଡିକ ନିଜର ଦେଣନେଣ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏହି ପରିସ୍ଥିତିରୁ ମୁକୁଳିବା ଲାଗି ବୈଦେଶିକ ବାଣିଜ୍ୟ ନିମନ୍ତେ ପାରସ୍ପରିକ ମୁଦ୍ରା ବିନିମୟ ବ୍ୟବସ୍ଥା ଚାଲୁ କରିବା ଲାଗି ପ୍ରୟାସ ଆରମ୍ଭ ହୋଇଯାଇଛି । ଚୀନ ସରକାର ରୁଷିଆ ସମେତ କିଛି ଦେଶ ସହ ନିଜ ମୁଦ୍ରା ୟୁଆନକୁ ବିନିମୟର ମାଧ୍ୟମ କରିଥିବା ସ୍ଥଳେ ଭାରତ ନିଜ ମୁଦ୍ରା ରୁପିକୁ ଏବେ ରୁଷିଆର ରୁବଲ, ସାଉଦି ଆରବର ରିଆଲ ଏବଂ ବଙ୍ଗଳାଦେଶର ଟାକା ସହ ମୁକ୍ତ ଦେଣନେଣ ପାଇଁ ଉଦ୍ୟମ ଆରମ୍ଭ କରିଛି । ଭାରତ ସରକାର ରୁଷିଆଠାରୁ ତୈଳ, ଗ୍ୟାସ ଏବଂ ଅନ୍ୟାନ୍ୟ ସାମଗ୍ରୀ ଆମଦାନୀ ବେଳେ ସମସ୍ୟାର ସମ୍ମୁଖୀନ ହେଉଥିବା ହେତୁ ଉଭୟ ଦେଶ ମଧ୍ୟରେ ଡଲାରମୁକ୍ତ ବିନିମୟ ବ୍ୟବସ୍ଥା ଆରମ୍ଭ କରିବାକୁ ସ୍ଥିର କରାଯାଇଛି । ଜାନୁଆରୀ ୧୯୯୩ରେ ତତ୍‌କାଳୀନ ରୁଷିଆ ରାଷ୍ଟ୍ରପତି ବୋରିସ ୟେଲତ୍‌ସିନ ଏବଂ ଭାରତର ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓଙ୍କ ମଧ୍ୟରେ ପ୍ରାୟ ପାଞ୍ଚ ଘଣ୍ଟାର ଆଲୋଚନା ରୁପି-ରୁବଲର ବିନିମୟକୁ କେନ୍ଦ୍ର କରି ହୋଇଥିଲା । ଭାରତର ପ୍ରତିରକ୍ଷା ସାମଗ୍ରୀର ଅନେକ ଅଂଶ ରୁଷିଆରୁ ହିଁ ଆସୁଥିଲା । ଅତୀତରେ ଭାରତ ରୁଷିଆଠାରୁ ଋଣରେ ଏସବୁ ଆଣୁଥିଲା ବେଳେ ଏବେ ନଗଦ ଅର୍ଥ ଦେଉଛି କିମ୍ବା ପ୍ରକଳ୍ପ ପାଇଁ ଆଗୁଆ ବିନିଯୋଗ କରୁଛି । ଇତି ମଧ୍ୟରେ ଋଣ ଗ୍ରହୀତା ରାଷ୍ଟ୍ରରୁ ଋଣଦାତାକୁ ଉଠିଥିବା ଭାରତ ୨୦୧୯ରେ ରୁଷିଆକୁ ପ୍ରାୟ ୧ ବିଲିଅନ ଡଲାର ଅଳ୍ପ ସୁଧରେ ଦେଇଥିଲା । ଏବେ ଭାରତର ଜିଡିପି ପ୍ରାୟ ୩ ଟ୍ରିଲିଅନ ଡଲାରକୁ ଧରିଛି ଯାହା ରୁଷିଆ ଜିଡିପିର ଦୁଇଗୁଣ । ରୁଷ-ୟୁକ୍ରେନ ଯୁଦ୍ଧକାଳରେ ଭାରତ ରୁଷିଆ ସହ ମିତ୍ରତାକୁ ଜାରିରଖି ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ଚାପ ସତ୍ତ୍ୱେ ଶସ୍ତାରେ ତୈଳ ଆମଦାନୀ ଜାରି ରଖିଆସିଛି । ଏକଥା ସତ ଯେ ସ୍ୱାଧୀନତା ପରେ ଭାରତର ଶିଳ୍ପ ବିକାଶରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ସହଯୋଗ ପାଇଁ ରାଜି ନଥିଲା ସମୟରେ ରୁଷିଆ ୧୯୫୩ରେ ଭିଲାଇ ଷ୍ଟିଲ କାରଖାନା ପାଇଁ ସହଯୋଗର ହାତ ବଢାଇଥିଲା । ୧୯୭୧ରେ ରୁପି-ରୁବଲ ବାଣିଜ୍ୟରେ ସଙ୍କଟ ଦେଖାଦେଇଥିଲା । ପରେ ୧୯୭୮ରେ ରୁବଲ ପିଛା ୧୦ଟଙ୍କା ବିନିମୟ ମୂଲ୍ୟ ସ୍ଥିର ହୋଇଥିଲା । ୧୯୮୧ରେ ରୁଷିଆ ସେନା ଆଫଗାନିସ୍ଥାନରେ ପ୍ରବେଶକୁ ବିରୋଧ କରି ଆମେରିକା ସେତେବେଳେ ଭାରତକୁ ମଧ୍ୟ ଟାର୍ଗେଟ କରିଥିଲା । ଆନ୍ତର୍ଜାତିକ ମୁଦ୍ରାପାଣ୍ଠିରୁ ୫ ବିଲିଅନ ଡଲାର ଋଣନେବାକୁ ଚାହୁଁଥିବା ଭାରତକୁ ଆମେରିକା ସରକାର ଥୋପ ଭାବେ ବ୍ୟବହାର କରିବାକୁ ଇଚ୍ଛାରଖି ସାଧାରଣରେ ରୁଷିଆର ଆଫଗାନ ପ୍ରବେଶକୁ ନିନ୍ଦା କରିବାକୁ ଆହ୍ୱାନ ଦେଇଥିଲେ, ଯାହାକୁ ତତ୍‌କାଳୀନ ଇନ୍ଦିରା ଗାନ୍ଧି ସରକାର ଗ୍ରହଣ କରିବାକୁ ରାଜି ହୋଇନଥିଲେ । କାରଣ ଭାରତର ବୈଦେଶିକ ବାଣିଜ୍ୟର ୧୬ ପ୍ରତିଶତ ରୁଷିଆ ସହ ଚାଲୁ ରହିଥିଲା । ୧୯୯୧ରେ ସୋଭିଏତ ୟୁନିଅନର ବିଭାଜନ ପରେ ରୁପି-ରୁବଲ ବିନିମୟ ହାର ଅସୁବିଧାରେ ପଡିଲା । ଗୋଟିଏ ଡଲାରର ମୂଲ୍ୟ ୧୦ରୁ ୨୦ଟଙ୍କା ରହିଲା, ଗୋଟିଏ ଡଲାର ମୂଲ୍ୟ ୩୦୦ ରୁବଲକୁ ଛୁଇଁଲା । ଏହି ସମୟରେ ଅନେକ ଭାରତୀୟ କମ୍ପାନୀ ଆମେରିକାରୁ ଯନ୍ତ୍ରାଂଶ କିଣି ଯୋଡିବା ପରେ ରୁଷିଆକୁ ବିକ୍ରି କଲେ । ଏହି ପ୍ରକ୍ରିୟାରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ପାଇଥିଲା ।

ଏବେ ରୁଷିଆ-ୟୁକ୍ରେନ ଯୁଦ୍ଧ ପରେ ରୁପି-ରୁବଲ ବିନିମୟ ଦେଖିଲେ ୧ ରୁବଲ ୧.୩୬ଟଙ୍କା ରହିଛି । ଭାରତର ଜିଡିପି ୨.୬୬ ଟ୍ରିଲିଅନ ଥିଲା ବେଳେ ରୁଷିଆର ଜିଡିପି ୧.୪ ଟ୍ରିଲିଅନ ରହିଛି । ଅଥଚ ରୁପି -ଡଲାର ବ୍ୟବଧାନ ୮୧-୧, ଆମେରିକା-ଭାରତ ଜିଡିପିର ଅନୁପାତ ୧୦.୧ ସ୍ଥିତିରେ ରହିଛି । ତେଣୁ ରୁପି-ରୁବଲ ବାଣିଜ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ଭାରତୀୟ ମୁଦ୍ରାରେ ଅଧିକ ବାଣିଜ୍ୟ କରିବାକୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶିଳ୍ପ ବାଣିଜ୍ୟ ଜଗତକୁ ଉପଦେଶ ଦେଇଛି । କାରଣ ଆଫ୍ରିକା ଏବଂ ଲାଟିନ ଆମେରିକାର ଅନେକ ରାଷ୍ଟ୍ର ଏବେ ବୈଦେଶିକ ମୁଦ୍ରା ଅଭାବ ସଙ୍କଟରେ ପଡିଛନ୍ତି । ରୁଷିଆ ସହ ବାଣିଜ୍ୟ ପାଇଁ ୨୮ ଫେବୃଆରୀ ୨୦୨୨ରେ ଆମେରିକା ଡଲାରର କଟକଣା ଲଗାଇଲା । ୩୧ମାର୍ଚ୍ଚ ୨୦୨୨ରେ ଆମେରିକାର ସହ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ରୁଷିଆ ସହ ବାଣିଜ୍ୟ ନକରିବା ଲାଗି ଭାରତ ଉପରେ ଚାପ ପ୍ରୟୋଗ କରିଥିଲେ । ୧ ଏପ୍ରିଲରେ ରୁଷିଆର ବିଦେଶମନ୍ତ୍ରୀ ସର୍ଗେଇ ଲାଭରୋଭ ଭାରତ ଗସ୍ତକରି ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ଏବେ ୧୫ସେପ୍ଟେମ୍ବର ସୁଦ୍ଧା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ୧୨୦ ପ୍ରତିଶତ ବଢିଛି । ତେଣୁ ସେଣ୍ଟପିଟର୍ସବର୍ଗ ସୋସିଆଲ କମର୍ସିଆଲ ବ୍ୟାଙ୍କ (ପିଏମ୍‌ସିବି) ଏବଂ ଭାରତର ୟେସ ବ୍ୟାଙ୍କ ଏହି ରୁବଲ-ରୁପି ବ୍ୟବସାୟକୁ ଆଗକୁ ନେବାପାଇଁ ନୂଆ ଶାଖା ଖୋଲିବାକୁ ସ୍ଥିର କରିଛନ୍ତି । ନୋଷ୍ଟ୍ରୋ-ଭଷ୍ଟ୍ରୋ ଆକାଉଣ୍ଟ ମାଧ୍ୟମରେ ଏହି ଦେଣନେଣ ହେବ ।

ଠିକ୍ ସେହିପରି ଭାରତର ଅନ୍ୟତମ ତୈଳ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ସାଉଦି ଆରବ ମଧ୍ୟ ନିଜର ରିୟଲ ମାଧ୍ୟମରେ ବାଣିଜ୍ୟ ପାଇଁ ରାଜି ହୋଇଛି । ନିକଟରେ ଭାରତର ବିଦେଶ ମନ୍ତ୍ରୀ ଏସ ଜୟଶଙ୍କର ସାଉଦିଗସ୍ତ କାଳରେ ଏହି ବିଷୟରେ ଆଲୋଚନା ହୋଇଥିଲା । ମହାରାଷ୍ଟ୍ରର ରତ୍ନଗିରିଠାରେ ରଣନୀତିକ ତୈଳ ଭଣ୍ଡାର ନିର୍ମାଣ କରିବା ପାଇଁ ସାଉଦି ଆରବ ରାଜି ହୋଇଛି । ସେହି ପ୍ରକଳ୍ପରେ ୪୪ ବିଲିଅନ ଡଲାର ଖର୍ଚ୍ଚ ହେବ । ସେଥିରେ ଇଣ୍ଡିଆନ ଅଏଲ କର୍ପୋରେସନ ୫୦ ପ୍ରତିଶତ, ଭାରତୀୟ ପେଟ୍ରୋଲିୟମ ୨୫ ପ୍ରତିଶତ, ହିନ୍ଦୁସ୍ଥାନ ପେଟ୍ରୋଲିୟମର ୨୫ପ୍ରତିଶତ ଅଂଶ ରହିବ । କାରଣ ସାଉଦି ଆରବ ସରକାର ପୂର୍ବରୁ ଭାରତରେ ୧୦୦ ବିଲିଅନ ଡଲାର ପୁଞ୍ଜିନିବେଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେମିତି ୟୁପିଆଇ ଦେଣନେଣ ବ୍ୟବସ୍ଥା ସାଉଦି ଆରବରେ ଚାଲୁହେବା ଦ୍ୱାରା ସେଠାକାର ଭାରତୀୟ ଲୋକେ ସୁବିଧାରେ ଅର୍ଥ ପ୍ରେରଣ କରିବାକୁ ସକ୍ଷମ ହେବେ । ଏହାକୁ ନେପାଳ, ଭୁଟାନ, ସିଙ୍ଗାପୁର ପୂର୍ବରୁ ଗ୍ରହଣ କରିଛନ୍ତି । ସାଉଦି ଏବଂ ଅମିରାତ (ୟୁଏଇ)ରେ ଏହା କାର୍ଯ୍ୟକାରୀ ହେଲେ ଭାରତକୁ ଅର୍ଥପ୍ରଦାନ ସହଜ ହେବ । ସଂଖ୍ୟାଧିକ ପ୍ରବାସୀ ଭାରତୀୟ ଏହି ଦୁଇ ରାଷ୍ଟ୍ରରେ କାର୍ଯ୍ୟରତ ଥିବାରୁ ଏହି ବ୍ୟବସ୍ଥା ଅର୍ଥନୀତି ପାଇଁ ବେଶ୍ ସହାୟକ ହେବ ।

ଭାରତର ଅନ୍ୟ ଏକ ପଡୋଶୀ ରାଷ୍ଟ୍ର ବଙ୍ଗଳାଦେଶକୁ ଭାରତରୁ ସର୍ବାଧିକ ରପ୍ତାନୀ ହେବା ସମୟରେ ଏବେ ସେଠାରେ ମଧ୍ୟ ବୈଦେଶିକ ମୁଦ୍ରା ଭଣ୍ଡାର ସଙ୍କଟ ଦେଖାଦେଇଛି । ଦେଶରେ ମାତ୍ର ୩୬ ବିଲିଅନ ଡଲାର ବିଦେଶୀ ମୁଦ୍ରା ରହିଥିବା ଯୋଗୁ ବଙ୍ଗଳାଦେଶ ଭାରତ ସହ ରୁପି-ଟାକାରେ ବାଣିଜ୍ୟ କରିବା ଲାଗି ପ୍ରସ୍ତାବ ଦେଇଛି । ଭାରତର ଷ୍ଟେଟ ବ୍ୟାଙ୍କ ମଧ୍ୟ ରପ୍ତାନୀକାରୀଙ୍କୁ ସ୍ଥାନୀୟ ମୁଦ୍ରା ବିନିମୟକୁ ଗ୍ରହଣ କରିବା ଲାଗି କହିଛନ୍ତି । ୨୪ ଅଗଷ୍ଟ ୨୦୨୨ରେ ଏ ସଂକ୍ରାନ୍ତରେ ଚିଠି ଦିଆଯାଇଛି । ବଙ୍ଗଳାଦେଶ ବାଣିଜ୍ୟ ମନ୍ତ୍ରୀ ଟିପୁ ମୁନ୍‌ସୀ ଏହା ସପକ୍ଷରେ ମତ ଦେଇଛନ୍ତି । ପୂର୍ବରୁ ୟୁଆନ-ଟାକା ବ୍ୟବସାୟ ପାଇଁ ବଙ୍ଗଳାଦେଶ ବ୍ୟାଙ୍କଗୁଡିକୁ ଅନୁମତି ଦେଇସାରିଛି । ଡଲାର ତୁଳନାରେ ବଙ୍ଗଳାଦେଶର ଟାକାର ମୂଲ୍ୟ ହ୍ରାସ ଏବଂ ଆମେରିକା ସହ ଦୁର୍ବଳ ସଂପର୍କ ଯୋଗୁ ବଙ୍ଗଳାଦେଶ ସରକାର ଏବେ ଆର୍ଥିକ ଚାପରେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିରୁ ଋଣ କରିବାକୁ ଯାଉଛନ୍ତି । ବଙ୍ଗଳାଦେଶକୁ ଭାରତର ରପ୍ତାନୀ ଗତ ଏପ୍ରିଲ-ଜୁଲାଇ ମଧ୍ୟରେ ୧୭.୫ ପ୍ରତିଶତ ବୃଦ୍ଧି ପାଇ ୪.୯ ବିଲିଅନ ଡଲାର ଛୁଇଁଛି । ସେହି ସମୟରେ ମଧ୍ୟ ଆମଦାନୀ ୧୧ ପ୍ରତିଶତ ବୃଦ୍ଧିପାଇ ୫୮୦.୭ ମିଲିଅନ ଡଲାର ହୋଇଛି । ବଙ୍ଗଳାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଭାରତଗସ୍ତ କାଳରେ ଏହି ବିଷୟ ଚର୍ଚ୍ଚା ଧରିଥିଲା । ଭାରତର ୧ଟଙ୍କା ବଙ୍ଗଳାଦେଶରେ ୧.୨୭ ଟାକା ରହିଛି । ଆଗାମୀ ଦିନରେ ରୁଷ-ୟୁକ୍ରେନ ଯୁଦ୍ଧ ସହଜରେ ଶେଷ ହେବ ନାହିଁ ବୋଲି ଜଣାପଡିଲାଣି । ତେଣୁ ଏବେଠୁ ପଦକ୍ଷେପ ଗ୍ରହଣ ନକଲେ ବଙ୍ଗଳାଦେଶ ଅସୁବିଧାରେ ପଡିବାର ସମ୍ଭାବନା ଅଧିକ ରହିଛି । ତେଣୁ ଡଲାରମୁକ୍ତ ବାଣିଜ୍ୟ ସପକ୍ଷରେ ସଂଖ୍ୟାଧିକ ମତ ରହିଛି ।

ଭାରତୀୟ ସମ୍ବାଦ ସେବା
(ଭାସ୍)
ଭୁବନେଶ୍ୱର-୭୫୧୦୦୩

**ସୁବ୍ରତ କୁମାର ମହାନ୍ତି**

# ମନେପଡ଼େ....

ଆଜକୁ ଦିର୍ଘ ୨୨ ବର୍ଷ ତଳର କଥା କହୁଛି । ସେ ସମୟରେ ଉଦଳା ଆଇ.ଟି.ଡ଼ି.ଏ. କାର୍ଯ୍ୟାଳୟରେ ହେଡ଼କ୍ଲର୍କ ଥାଆନ୍ତି ମୁରଲି ବାବୁ । ଉକ୍ତ କାର୍ଯ୍ୟାଳୟର ଅଧିନରେ ଶରତ ଠାରେ ଖୋଲିଥିଲା ଏକ ଭୋକେସନାଲ ଟ୍ରେନିଂ ସେଣ୍ଟର । ଆଉ ଉକ୍ତ ଟ୍ରେନିଂ ସେଣ୍ଟରର ଜଣେ କର୍ମଚାରୀ ଭାବେ ମୁଁ ଚାକିରି କରିଥିଲି । ପ୍ରତିମାସ ଦରମା ନେବାକୁ ହେଲେ ମୁରଲି ବାବୁଙ୍କୁ ସାକ୍ଷାତ କରିବାକୁ ପଡ଼େ । କାରଣ ସେ ସେହି ଦାୟିତ୍ୱରେ ହିଁ ଥିଲେ । ଦେଖାହେବା ମାତ୍ରେ ମୁରଲି ବାବୁ ହସିଦେଇ ଆଗ ପଚାରନ୍ତି, 'ବାବୁ କେମିତି ଅଛ ? ଦେହପା ସବୁ ଠିକ ଅଛିତ ?' ନିଜ ପରିବାରର ଲୋକଭଳି, ଘରର ଗୁରୁଜନ ଭଳି ତାଙ୍କର ବ୍ୟବହାର କାହାରି ମାନଓ ପଟରୁ ଆଜିବି ଲିଭି ନାହିଁ । ବାସ୍ତବରେ ମୁରଲିବାବୁଙ୍କ ଭଳି ଏତେ ସ୍ନେହି, ଆଉ ଖୋଲା ହୃଦୟର ମଣିଷଟିଏ ଆଜି ପାଇବା କଷ୍ଟକର । ଏମିତି କିଛିଦିନ ବିତିଗଲା । ଉଦଳା ଆଇ.ଟି.ଡ଼ି.ଏ.ର ପ୍ରକଳ୍ପ ପ୍ରଶାସକ ଦିନେ ସମସ୍ତ ଷ୍ଟାଫଙ୍କୁ ଡ଼ାକି କହିଲେ, 'ଏ ବର୍ଷ ଭୁବନେଶ୍ୱର ଠାରେ ହେବାକୁ ଥିବା ଆଦିବାସୀ ମେଳାକୁ ମୁରଲି ବାବୁ ଓ ସୁବ୍ରତବାବୁ ଯିବେ ।' ତାହାହିଁ ହେଲା ମୁଁ ଓ ମୁରଲି ବାବୁ ବାହାରିଲୁ ଓ ଭୁବନେଶ୍ୱରରେ ପହଞ୍ଚିଲୁ । ସେଠାରେ ଦୁଇଦିନ ରହିଲୁ । ଆମେ ଦୁହେଁ ବୁଲି ବୁଲି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆଦିବାସୀ ଓ ତାଙ୍କର ଦୈନନ୍ଦିନ ଜୀବନକୁ ନେଇ ଖୋଲା ଯାଇଥିବା ଷ୍ଟଲ ଦେଖିଲୁ । ବହୁତ ଖୁସି ଲାଗିଲା । ବିଶେଷ କରି କୋରାପୁଟ ଅଞ୍ଚଳରୁ ଆସିଥିବା 'ବଣ୍ଡା' ମାନଙ୍କୁ ଦେଖି ଖୁବ ଆଶ୍ଚର୍ଯ୍ୟ ହେଲୁ । ଚାହୁଁ ଚାହୁଁ ଏଠାରେ ୨ ଦିନ ବିତିଗଲା । ଏହାପରେ ଆମେ ଦୁହେଁ ପୁରୀ ଗଲୁ ଓ ଶ୍ରୀମନ୍ଦିରରେ ଦିଅଁ ଦର୍ଶନ କଲୁ । ମନ୍ଦିରରୁ ବାହାରିବା ପରେ ମୁରଲି ବାବୁ ମନ୍ଦିର ଉପରକୁ ଚାହିଁ ଉଡୁଥିବା ନେତକୁ ଦେଖି ପ୍ରଣାମ କରୁଥାନ୍ତି । ଏତିକିବେଳେ ମୁଁ ପଚାରିଲି 'ମୁରଲି ବାବୁ କଣ ଦେଖିଲେ ? ଉତ୍ତରରେ ସେ କହିଲେ ବିଶ୍ୱବ୍ରହ୍ମାଣ୍ଡର ନିଅଁାକୁ ଦେଖିବାର ଶକ୍ତି କାହାର ବା ଅଛି ? ତାଙ୍କୁ ଦେଖିବାର ଅର୍ଥ ନିଜକୁ ହଜାଇଦେବା ଛଡ଼ା ଆଉ କିଛି ନୁହେଁ ।' ଏମିତି କଥାବାର୍ତ୍ତା ପରେ ମୁରଲି ବାବୁ ଯେ ଜଣେ ଈଶ୍ୱର ବିଶ୍ୱାସୀ ଓ ଉଚ୍ଚ ବିଚାରର ମଣିଷ ତାହା ବେଶ ଭଲଭାବରେ ବୁଝି ହେଉଥାଏ । କିଛିଦିନ ପରେ ମୁରଲି ବାବୁ ଚାକିରିରୁ ଅବସର ନେଲେ । ଆମେ ଯେଉଁ ପୋଷ୍ଟରେ ଥିଲୁ ତାହା ମଧ୍ୟ ବନ୍ଦ ହୋଇଗଲା । କିନ୍ତୁ ଉଦଳା ସହରର ବାସିନ୍ଦା ମୁରଲି ବାବୁ ଓ ମୁଁ ହୋଇଥିବାରୁ ଅଧିକାଂଶ ଦିନ ସାକ୍ଷାତ ହୁଏ । ଦୁର୍ଗାପୂଜା, ରାବଣ ପୋଡ଼ି, ରଥଯାତ୍ରା ସବୁକିଛିରେ ମୁରଲି ବାବୁ ନେତୃତ୍ୱ ନିଅନ୍ତି । ଏହିଭଳି ସାମାଜିକ କାମରେ ନିଜକୁ ହଜାଇ ଦେବାରେ ରହିଛି ଏକ ସ୍ୱତନ୍ତ୍ର ଆନନ୍ଦ ବୋଲି ତାହା ମୁରଲିବାବୁଙ୍କୁ ଦେଖିଲେ ବେଶ ଅନୁଭବ କରିହୁଏ । ସାଧା ଜୀବନ ଓ ଉଚ୍ଚ ବିଚାରକୁ ନିଜ ଜୀବନରେ ପ୍ରୟୋଗ କରିବା ସହିତ ଈଶ୍ୱର ବିଶ୍ୱାସ ଏବଂ ସମର୍ପଣ ଭାବକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିବା ମଣିଷ ମୁରଲି ବାବୁଙ୍କ ଅବର୍ତ୍ତମାନ ଆଜି



ଉଦଳା ପାଇଁ ସୃଷ୍ଟି କରିଛି ଏକ ବିରାଟ ଶୂନ୍ୟସ୍ଥାନ । ଏହିଭଳି ଜଣେ ତ୍ୟାଗି ମଣିଷଙ୍କୁ କୋଟି ପ୍ରଣାମ ଜଣାଇ ମୋର ଲିଖନିକୁ ଏଠାରେ ବିରାମ ଦେଉଛି ।

ଉଦଳା, ମୟୂରଭଞ୍ଜ
ମୋ-୯୮୬୧୮୨୪୩୨୨




## ମଧୁମତୀ

**ଧ୍ରୁବ ଚରଣ ବେହେରା**

କେଉଁ ବିଧାତାର ପୂର୍ଣ୍ଣତା ତୂଳୀରେ
ଗଢିଲା ସୁନ୍ଦରୀ କରି
ଦେଖିଲେ ଲାଗୁଛି ନବ ଯଉବନୀ
ରୂପବତୀ ଅପସରୀ ।

ସ୍ମିତ ହସ ତୀରେ ଝରି ପଡେ ମହୁ
ଆଖିରେ ପ୍ରେମର ବନ୍ୟା
ରୂପ ଲାବଣ୍ୟତା ଝରି ପଡେ ମୁଖୁ
ଦିଶୁଛ ଅତି ଅନନ୍ୟା ।

ଆଖିର ଚାହିଣୀ ମନ ନିଏ କିଣି
ସତେକି ସରଗ ଶଶୀ
ଚନ୍ଦ୍ରମା ବଦନୁ ଉପମା ଝରଇ
ଲାଗୁଛ ବଡ ପ୍ରେୟସୀ ।

କେଶ ବିନ୍ୟାସରେ ଶୋଭା ବରଷଇ
କୋମଳତା ଓଠେ ଛଇ
ପାଟ ବସନରେ ଦିଶ ଝିଲି ମିଲି
ଲାଗୁଛ ସରସୀ କଇଁ ।

ଗୋରା ଗୋରା ଦେହ ଫୁଲର ପାଖୁଡ଼ା
ଲାଗୁଛି ଚମ୍ପା ବରନୀ
କୋଟିରେ ଗୋଟିଏ ଦିଶ ଅନୁପମା
ସତେ କି ରାଜ ନନ୍ଦିନୀ ।

ତୁମକୁ ଦେଖିଲେ ଭାବନାରୁ ପ୍ରିୟା
କବିତା ଆସଇ ଝରି
ଦିଶୁଅଛ ସତେ ଚମକ ଚାନ୍ଦିନୀ
ମାନସୀ ମନ ମୟୁରୀ ।

ଭାବନାରେ ମୋର ଥାଅ ସାଥୀ ହୋଇ
ରୂପସୀ ସ୍ନେହୀ ନାୟିକା
ମୋ ହୃଦୟ କଲମୁ ଝରୁଥାଉ ସଦା
ତୁମରି ପ୍ରେମ କବିତା ।

ବିନା ଶୃଙ୍ଗାର ରେ ଦିଶ ରୂପବତୀ
ଚାରୁ ହାସ୍ୟମୟୀ ସାଥୀ
ତୁମେ ମୋର ଏକ ଅତୀତର ସ୍ମୃତି
ପ୍ରେୟସୀ ଗୋ ମଧୁମତୀ ।

ଯେତେ ଲେଖୁଥିଲେ ଶବ୍ଦର ଅଭାବ
ଦେଖି ତୁମ ଗୋରା ତନୁ
ଶୟନେ ସପନେ ଭାବେ ତୁମ କଥା
କେମିତି ଭୁଲିବି ମନୁ ?

ପ୍ରେମର ନାୟିକା ସଜାଇ ତୁମକୁ
ରଖିଥିବି ହୃଦେ ମୋର
ତୁମେ ଯଦି ହୁଅ ପ୍ରେମର ତଟିନୀ
ମୁଁ ତୁମ ମନ ସାଗର ।

ମନ ଦେଇ କରି ପାଇଛି ତୁମକୁ
ମନେ ମନେ ଭାବେ ଏକା
ଜୀବନ୍ତ ତୁମର ରୂପବତୀ ଛବି
ସପନରେ କରେ ଦେଖା ।

ଅଠରବାଟିଆ,
ବାଲୁଗାଁ,ଖୋର୍ଦ୍ଧା
ମୋ:୮୩୨୮୯୩୦୫୫୪

## ହେ ଦେବୀ

**ଦୀନବଂଧୁ ବେଜ**

ଗଛ ହୋଇ ହସୁଥାଅ
ହେ ଦେବୀ
ଦୂର ଦିଗବଳୟେ,
ଉଙ୍କି ମାରୁ ତୁମ
ଓଠର ଲାଲିମା...
ଖୁସିରେ ଅଛ ବୋଲି ତୁମେ
ଦେବାଳୟେ
ଝଟକୁଛି ଅନାବିଳ ପ୍ରେମ,
ପ୍ରଣାମ କରିବା ପାଇଁ
ଅହରହ ଚାଲିଛି ଚେଷ୍ଟା
ଆଦରିଛି ପ୍ରିତିର ମଲମ ।
ତୁମେ ଅଛ ବୋଲି ଆମେ ଅଛୁ
ବିଦେହୀ ହେ
ଏ ମନ ଖାଲି ମତିଭ୍ରମ,
ଆଜି ତୁମେ ସାଜିଛ
ମୋ ପାଇଁ ବିଜୁଳିର କନ୍ୟା !

ମୋ ଆଖିରେ ପଟିପରି
ଲଟକିଛ ତୁମେ,
ମୁଁ ଓ ମୋର ଦୁନିଆ,
ତୁମକୁ ଚାହିଁଛି
ଚାତକ ପରିକା
ତଥାପି ଏ ଶପଥ
ସାତ ଜନମକୁ...
ଏଣୁ ଅପେକ୍ଷା କରିଛି
କରିଥିବି ତୁମରି ପଥକୁ
ଚାହୁଁଥିଲି, ଚାହିଁଥିବି,
ତୁମ ଫେରନ୍ତା ପଥକୁ ।
ତୁମ ଫେରନ୍ତା ପଥକୁ ।

ବାଷଠୀ, ବାସୁଦେବପୁର, ଭଦ୍ରକ
ମୋ: ୭୬୮୩୯୨୦୨୨୧

## ବିଦାୟ

**ଶିବ ପ୍ରସାଦ ବାହିନୀପତି**

ଭାବିଥିଲି ଦୁଃଖ ବେଳେ ତମେ ଧରିନେବ ହାତ
ଅଧାବାଟେ ଛାଡ଼ିଦେଲ ହାତ ଥିଲା କେଉଁ ଦୋଷ ?
ଜନମରୁ ଭାଗ୍ୟହୀନ ମୁଁ ଅଭାଗା ମଣିଷ
ସ୍ନେହ ପ୍ରେମ କାହୁଁ ଅବା ମୋ' ଭାଗ୍ୟରେ ଆସିବ !
ଯାଉଛି ବହୁତ ଦୂର ଧରିବନି ଦୋଷ ମୋର
ଅଝଟ ପୁଅଟେ ଭାବି ଦୋଷ ମୋର କ୍ଷମା କର ।
ଅଶ୍ରୁ ଯଦି ଝରେ ତୁମ ସହି ପାରିବନି ଶିବ
ସ୍ୱର୍ଗରେ ଏ ଆତ୍ମା ମୋର ସଦା ଅଶାନ୍ତି ରହିବ ।

ସମ୍ପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର, କଣାସ, ପୁରୀ
ମୋ: ୮୯୧୭୪୮୦୫୩୬

## କିଏ ବା ବୁଝେ ପ୍ରେମିକର ମନ

**ଉମେଶ ଚନ୍ଦ୍ର ଯେନା**

କିଏ ବା ବୁଝେ ପ୍ରେମିକର ମନ
ନିଜ ପ୍ରେମିକାର ଛାତିରେ
ପାଦ ଥାପି ଲିଭେଇ ପାରେ
ଜହ୍ନରେ ଲାଗିଥିବା କଳଙ୍କର ଚିହ୍ନ ।

କିଏ ବା ବୁଝେ ପ୍ରେମିକର ମନ
ଶର ବିଦ୍ଧ ଛାତିରେ
ଗୋଲାପ ତୋଳିବାର ସାହସ
ଯିଏ ମରୁଭୂମିରେ ପାଣିଛାଡ଼ି
ହସି ହସି
ପିଇଯାଏ ବିଷ ।

କିଏ ବା ବୁଝେ ପ୍ରେମିକର ମନ
ଜଳନ୍ତା ନିଆଁ ରୁ କାଢି ଆଣିପାରେ
ତାର ପ୍ରଥମ ଚିଠି
ବେକରେ ପଥର ବାନ୍ଧି
ଲମ୍ଫ ମାରିପାରେ ଫୁଲ ତୋଳିବାକୁ ।

କିଏ ବା ବୁଝେ ପ୍ରେମିକର ମନ
ହାତ କାଟି
ରକ୍ତରେ ଶେଷ ଚିଠି ଲେଖେ
ମିଛରେ ସିନ୍ଦୁର ବୋଳିବାକୁ
ଭଲ ପାଏନା
ଲେଖିଚାଲେ ଶେଷ ଚିଠି
ସେ ପାଦରେ ଅଳତା
ନ ଲଗେଇବା ଯାଏ ।

କିଏ ବା ବୁଝେ ପ୍ରେମିକର ମନ
ଯିଏ ଭଲପାଏ
ଜୁଇରେ ଜଳିବା ଯାଏ
ହୃଦୟ ଜାଳେ
ଦେହ ଜାଳେ
ମନ ବି ଜାଳେ
ତଥାପି ତାର ସ୍ମୃତି ଜାଳିବାକୁ
ହାତ ଯାଏନା ।

କଲ୍ୟାଣ ପୁର, ବିଞ୍ଝାରପୁର
ଯାଜପୁର
ମୋ:୯୯୩୮୩୧୬୭୩୨







କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୬୧)

# ହନୁମାନଙ୍କ ଲଙ୍କା ଅଭିଯାନ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ପିଲାମାନେ, ଆମେ ରାମାୟଣର ସୁନ୍ଦରାକାଣ୍ଡ ଆରମ୍ଭ କରିବାକୁ ଯାଉଛୁ" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

'ସୁଗ୍ରୀବଙ୍କ ଆଦେଶ ପାଇ ବାନର ସେନାପତିମାନେ ପ୍ରଭୁ ଶ୍ରୀରାମଙ୍କୁ ପ୍ରାର୍ଥନା କଲେ ଓ ବିଭିନ୍ନ ଦିଗରେ ମାତା ସୀତାଙ୍କୁ ଠାବ କରିବାକୁ ବାହାରିଗଲେ। ହନୁମାନ ମଧ୍ୟ ତାଙ୍କ ଖୋଜରେ ଲାଗି ପଡ଼ିଲେ। ଶେଷରେ ସେ ଦକ୍ଷିଣରେ ଥିବା ସମୁଦ୍ର କୂଳକୁ ଆସିଲେ ଓ ସମୁଦ୍ର ଆଡ଼କୁ ଅନେଇ ରହିଲେ।

ବିଶାଳ ସମୁଦ୍ରକୁ ଦେଖି ବୀର ହନୁମାନ ଭୟଭୀତ ହେଲେନି, ମାତ୍ର ସମୁଦ୍ରକୁ କିପରି ଲଂଘିବେ ସେଇ କଥା ଚିନ୍ତା କଲେ। ପ୍ରଭୁ ଶ୍ରୀରାମଙ୍କୁ ସ୍ମରଣ କରି ହନୁମାନ ନିକଟସ୍ଥ ମହେନ୍ଦ୍ର ଗିରି ଶିଖରକୁ ଗଲେ ଓ ସମସ୍ତଙ୍କୁ ପ୍ରଣାମ କରି ସେ ନିଜର କାୟା ବିସ୍ତାର କଲେ। ଅତି ଅଳ୍ପ ସମୟରେ ସେ ଆକାଶକୁ ଲମ୍ଫ ପ୍ରଦାନ କଲେ ଓ ଆକାଶରେ ଉଡ଼ିବାକୁ ଆରମ୍ଭ କଲେ। ତାଙ୍କ ଲକ୍ଷ୍ୟରେ ଥିଲା ଲଙ୍କା ଦ୍ୱୀପ ଓ ସେ ପ୍ରଭୁ ଶ୍ରୀରାମଙ୍କ ଆଦେଶ ବହନ କରି ଶୂନ୍ୟ ମାର୍ଗରେ ଉଡୁଥିଲେ।

ବୀର ହନୁମାନଙ୍କ ଲଙ୍କା ଯାତ୍ରା ସୁଗମ ନଥିଲା। ସମୁଦ୍ର ଉପରେ ଉଡୁଥିଲା ବେଳେ ଅନେକ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ତାଙ୍କର ବିଶ୍ରାମ ଦରକାର ଥିଲା। ତାଙ୍କୁ ନିଜ ପୃଷ୍ଠରେ ବିଶ୍ରାମ ଦେଇଥିଲେ ସମୁଦ୍ର ଭିତରେ ଲୁଚିଥିବା ମୈନାକ ପର୍ବତ।

ବିଶ୍ୱାସ କରାଯାଏ ପୁରାଣ କାଳରେ ପାହାଡ଼ମାନଙ୍କର ପକ୍ଷ ଥିଲା ଓ ସେମାନେ ଆକାଶରେ ଉଡ଼ି ପାରୁଥିଲେ। ସେମାନେ ଆକାଶରେ ଉଡ଼ିଲାବେଳେ ତଳେ ଥିବା ପ୍ରାଣୀମାନେ ଡରୁଥିଲେ ଓ ଅନେକ କ୍ଷୟକ୍ଷତି ମଧ୍ୟ ହେଉଥିଲା। ସେଥିଲାଗି ଦେବରାଜ ଇନ୍ଦ୍ର ପାହାଡ଼ ପର୍ବତମାନଙ୍କର ପକ୍ଷ ଛେଦନ କରିଥିଲେ। ମାତ୍ର ଏଥିରୁ ବଂଚି ଯାଇଥିଲେ ମୈନାକ ପର୍ବତ ଓ ସେ ସମୁଦ୍ର ଭିତରେ ଆତ୍ମଗୋପନ କରିଥିଲେ। ହନୁମାନଙ୍କର ବିଶ୍ରାମ ଦରକାର ଥିଲାବେଳେ ସେ ସମୁଦ୍ର ବାହାରକୁ ଆସିଥିଲେ ଓ ହନୁମାନ ପର୍ବତ ଉପରେ କିଛି ସମୟ ବିଶ୍ରାମ ନେଇଥିଲେ।



ହନୁମାନଙ୍କ ଦୃଢ଼ତା ପରୀକ୍ଷା କରିବାକୁ ତାଙ୍କ ସାମ୍ନାକୁ ଆସିଯାଇଥିଲେ ନାଗମାତା ସୁରସା। ସେ ହନୁମାନଙ୍କୁ ଗିଳିବାକୁ ଚେଷ୍ଟା କରିଥିଲେ।

ସୁରାସା ହନୁମାନଙ୍କୁ ଗିଳିବାକୁ ଆଁ କଲେ। ମାତ୍ର ହନୁମାନ ତାଙ୍କ 'ଆଁ'ଠାରୁ ନିଜର ଆୟତନ ବହୁତ ବଡ଼ କଲେ। ଏହିପରି କିଛି ସମୟ ବିତିଗଲା। ଶେଷକୁ ସୁରାସାଙ୍କ 'ଆଁ' ବହୁତ ବଡ଼ ଥିଲା। ଏହାର ସୁଯୋଗ ନେଇ ହନୁମାନ ନିଜକୁ ଅତି ଛୋଟ କରିଦେଲେ ଓ ସୁରାସାଙ୍କ ପାଟିକୁ ଯାଇ ତୁରନ୍ତ ବାହାରି ଆସିଲେ। ହନୁମାନ ନାଗମାତା ସୁରାସାଙ୍କୁ ଚିହ୍ନି ପାରିଥିଲେ ଓ ସେ ବିନୟ ସହିତ ତାଙ୍କୁ ପ୍ରାର୍ଥନା କଲେ ଓ ଲଂକା ଅଭିମୁଖେ ଯାତ୍ରା ଜାରି ରଖିଲେ।

ହନୁମାନଙ୍କ ପ୍ରତିବନ୍ଧକ ଏଇଠି ସରିଲାନି। ସମୁଦ୍ର ଭିତରେ ଏକ ରାକ୍ଷସୀ ସିଂହିକା ବାସ କରୁଥିଲା। ସେ ଆକାଶ ପଥରେ ଯାଉଥିବା ଜୀବଙ୍କ ଛାୟାକୁ ଦେଖି ସେମାନଙ୍କୁ ଧରି ଆଣି ଭକ୍ଷଣ କରୁଥିଲା। ଆକାଶ ପଥରେ ଗତି କରୁଥିବା ହନୁମାନଙ୍କ ଛାୟା ଦେଖି ସେ ଭାରି ଖୁସି ହେଲା ଯେ ଏକ ବଡ଼ ଜୀବକୁ ଭକ୍ଷଣ କରିବାକୁ ସୁଯୋଗ ମିଳିଛି। ସେ ହନୁମାନଙ୍କୁ ଗିଳିବାକୁ ଚେଷ୍ଟା କଲା। ଚତୁର ହନୁମାନ ନିଜକୁ ଅତି କ୍ଷୁଦ୍ର କରିଦେଲେ ଓ ସିଂହିକା ପେଟକୁ ଯାଇ ତା'ପେଟକୁ ଚିରି ବାହାରକୁ ଚାଲି ଆସିଲେ। ସଂଗେ ସଂଗେ ସିଂହିକାର ମୃତ୍ୟୁ ହେଲା ଓ ସେ ସମୁଦ୍ର ଜଳରେ ପଡ଼ି ରହିଲା।

ସିଂହିକାକୁ ବଧ କରି ଆକାଶମାର୍ଗରେ ହନୁମାନ ଉଡ଼ିଗଲେ ଓ ଅଚିରେ ଲଙ୍କା ନଗରୀର ଉପାନ୍ତରେ ପହଂଚିଲେ। ସେ ଏକ ପର୍ବତ ଉପରେ ରହି ଲଙ୍କା ନଗରୀର ନିରୀକ୍ଷଣ କଲେ। ଲଙ୍କାର ଶୋଭା ଦେଖି ସେ ବିସ୍ମିତ ହେଲେ। ଲଙ୍କା ନଗରୀ ବେଶ୍ ସମୃଦ୍ଧ ଥିଲା। ତାର ଶୋଭା ଓ ସମୃଦ୍ଧି ଦେଖି ହନୁମାନ ବିସ୍ମିତ ହେଲେ। ସଂଧ୍ୟା ହୋଇ ଆସିଲା। ହନୁମାନ ଜାଣିଥିଲେ ତାଙ୍କୁ ଛଦ୍ମ ବେଶରେ ରାତ୍ରିରେ ଲଙ୍କାରେ ପ୍ରବେଶ କରିବାକୁ ହେବ। ତେଣୁ ଏକ ଛୋଟ ମାଙ୍କଡ଼ ହୋଇ ରାତିରେ ପ୍ରାଚୀର ଡେଇଁ ଲଙ୍କା ନଗରୀରେ ପ୍ରବେଶ କଲେ।

ଲଙ୍କାର ଅଧିଷ୍ଠାତ୍ରୀ ଦେବୀ ଲଙ୍କିନୀ ହନୁମାନଙ୍କର ଛଦ୍ମ ବେଶକୁ ଜାଣିପାରିଲେ ଓ ସେ ସଂଗେ ସଂଗେ ହନୁମାନଙ୍କର ସାମ୍ନା କଲେ। ଅତି ଅଳ୍ପ ସମୟରେ ହନୁମାନ ଲଙ୍କିନୀଙ୍କୁ ଧରାଶାୟୀ କଲେ ଓ ଲଙ୍କ ନଗରୀରେ ପ୍ରବେଶ କଲେ।

ଆଜି ରାମାୟଣ କଥା ଏଇଠି ରଖିବା। ଏତିକି କହି ମିନା ଅପା ରାମାୟଣ କଥା ସାରିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ଉଦ୍ଧତ କେଶବ



ନଗେନ୍ଦ୍ର ନାଥ ପଟ୍ଟନାୟକ

ରାମପୁରରେ କେଶବ ବୋଇଲେ ପିଲାଟିଏ। ରହୁଥାଏ ବାପା ବୋଉ ସହିତ। ବାପାବୋଉର କୋଡପୋଛା ପୁଅ କେଶବ। ଖୁବ୍ ଗେଲବସରରେ ବଢିଥାଏ। ହେଲେ ସେ ଖୁବ୍ ଏକଜିଦିଆ ଓ ବଦ୍‌ରାଗୀ। ନାକ ଉପରେ ରାଗ। କଥା କଥାକେ ମୁଣ୍ଡକୁ ତାର ପିତ ଚହଟିଯାଏ।

ଦିନକର କଥା, ବୋଉ ତାପାଇଁ ନୂଆ ପେଣ୍ଡୁଟିଏ ବିଦେଶରୁ କିଣିକି ଆଣିଲେ। ଆଖିଝଲସା ପେଣ୍ଡୁଟି ଖୁବ୍ ଦାମିକା। ବୋଉ ତାକୁ ସ୍ନେହରେ କୋଳେଇ ନେଇ କହିଲେ - ନେ ଏ ପେଣ୍ଡୁଟି, ଆଜିଠୁ ତୁ ଏଥିରେ ଖେଳିବୁ। କେଶବ ଖୁସିରେ ଗଦ୍ ଗଦ୍ ହୋଇ ବୋଉ ହାତରୁ ସେଟାକୁ ନେଲା। ଘରର ଏକ ସୁରକ୍ଷିତ ଜାଗାରେ ବେଶ୍ ଯତନର ସହିତ ସାଇତି ରଖିଲା। କିନ୍ତୁ ସେଇଦିନୁ ସେ ପୂରାପୂରି ଭାବେ ବଦଳିଗଲା। ବାଟଘାଟରେ ଗଲାବେଳେ ଉପରମୁହାଁ ହୋଇ ଛାତିକି ଫୁଲେଇ ଚାଲିଲା। ଏବେ ସେ ଆଉ ସାଙ୍ଗସାଥୀଙ୍କ ସହ ଖେଳିଲା ବି ନାହିଁ। ଦାମିକା ପେଣ୍ଡୁରେ ଖେଳିଲା ଏକାଏକା। ଗାଁରେ କେହି ଜଣେ ସାଙ୍ଗ ଯଦି ତା ସହିତ ଖେଳିବା ପାଇଁ କହୁଥିଲା ସେ ଅଭଦ୍ର ଭାଷାରେ ଏଣୁତେଣୁ କଣ କହି ମୁହେଁମୁହେଁ ମନାକରି ଦେଉଥିଲା। ଦିନେ ସବୁ ପିଲା ଏକଜୁଟ ହୋଇ ତାକୁ ଚିଡେଇବାକୁ ଲାଗିଲେ। ସଭିଏଁ ଏକସ୍ୱରରେ କହିଲେ -ତୋ ପେଣ୍ଡୁଟି ଭାରି ନିଜୋରିଆ। ଦେଖାସୁନ୍ଦର କଖାରୁବଡି। ବହୁତ ଜଲଦି ବେଲୁନ ଭଳି ଫାଟିଯିବ। ଏଇ ପଦକ କଥାରେ କେଶବ ରାଗିପାଚି ନିଆଁବାଣ ହୋଇଗଲା। ତମତମ ହୋଇ ବାଜି ମାରିଲା। କହିଲା-ହେଇଟି ଦେଖ ଏ ଟ୍ରକକୁ। ଯାର ଚକ ତଳେ ପ୍ରତିଟି ପିଲା ଜଣକ ପରେ ଜଣେ ନିଜ ପେଣ୍ଡୁକୁ ରଖନ୍ତୁ। ଟ୍ରକଟି ଗଡିଲା ପରେ ଯାହାର ପେଣ୍ଡୁଟି ଅକ୍ଷତ ଅବସ୍ଥାରେ ଦେଖିବାକୁ ମିଳିବ ତାର ଜିତାପଟ ହେବ। ଏତକ କହି କେଶବ ଆଗ ତା ସୌଖୀନ ପେଣ୍ଡୁଟିକୁ ଟ୍ରକଚକ ତଳେ ରଖିଦେଲା। ଗାଡିଟି ଯେମିତି ଗଡିଯାଇଛି ତା ବଲଟି ଢୋ କିନା ଫାଟିଗଲା। ଡଉଲଡାଉଲ ବଲଟି ଟୁକୁଡା ଟୁକୁଡା ହୋଇ ଏଣେତେଣେ ଖେଳେଇ ହୋଇପଡିଲା। କେଶବ ଭୋ ଭୋ ହୋଇ କାନ୍ଦିଲା ରାହାଧରି। କାନ୍ଦୁଣୁମାନ୍ଦୁଣୁ ହୋଇ ଘରକୁ ଚାଲିଗଲା। ତା କାନ୍ଦୁରା ମୁହଁକୁ ଦେଖି ବୋଉର ଦୟା ଆସିଲା। ବୋଉ ତାକୁ ବୋଧଦେଇ କହିଲେ -ତୁ ଆଉ କାନ୍ଦନା, ତୋ କଥା ମୁଁ ବୁଝୁଚି। ପରଦିନ ବୋଉ ପାଖ ବଜାର ଗଲେ। ଏଥରକ ତା ପାଇଁ ଦାମୀପେଣ୍ଡୁ ନୁହେଁ, ବରଂ ଅତି ମାମୁଲି ପେଣ୍ଡୁଟିଏ କିଣିକି ଆଣିଲେ। ତା ହାତରେ ଧରାଇଦେଇ କହିଲେ -ଏଣିକି ତୁ ଏଇଟାରେ ଖେଳିବୁ। ଏବେ ତା ଗରବ ଚୁନାହେଲା। ଆଉ ସେ ନିଜେ ଏଥିପାଇଁ ଖୁବ୍ ଦୁଃଖ କଲା।



+ଓସ୍କାର ସିଟି, ପ୍ଲଟ ନଂ-୪୫୪,
ଲେନ ନଂ-୯,
ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮

# ମୃତ୍ୟୁ ଲହଡି

ଶୁଭନାରାୟଣ ଶତପଥୀ



ଯେତେବେଳେ ସମୁଦ୍ର ଚଟାଣର ନିକଟରେ ବା ତଳେ ଭୁକମ୍ପ ସୃଷ୍ଟି ହୁଏ ସେତେବେଳେ ହଠାତ ଓ ବିଶାଳ ଜଳରାଶିର ବିସ୍ଥାପନ ଆରମ୍ଭ ହୁଏ ଓ ବଡବଡ ତରଙ୍ଗ/ଢେଉ କୂଳ ଆଡକୁ ମାଡିଆସେ ତାକୁ ସୁନାମୀ କହିଥାଉ। ଏହା ସମୁଦ୍ର ବା ହ୍ରଦ ଆଦିରେ ସଂଗଠିତ ହୋଇଥାଏ। ତଥ୍ୟ ଅନୁସାରେ ସୁନାମୀ ଶକ୍ତିଶାଳୀ ଓ ବିନାଶକାରୀ ପ୍ରାକୃତିକ ବିପର୍ଯ୍ୟୟମାନଙ୍କ ମଧ୍ୟରୁ ଗୋଟିଏ। ସୁନାମୀ ଚାରିସ୍ତରରେ ସଂଗଠିତ ହୋଇଥାଏ। ପ୍ରାରମ୍ଭରେ ଲହଡିର ଏକ ଶୃଙ୍ଖଳ ସୃଷ୍ଟି ହୁଏ ଓ ଗଭୀର ସମୁଦ୍ର ମଧ୍ୟକୁ ଯାତ୍ରା କରେ। ଯେଉଁଠି ଲହଡିର ଉଚ୍ଚତା ବଢିଯାଏ ଓ ତା ପର କୂଳକୁ ମାଡିଆସି ମାଡ ହୁଏ। ଏହି ଢେଉ ତରଙ୍ଗାୟିତ ଭାବେ ପଛକୁପଛ ଆସିଥାଏ। ଲହଡି ବା ବଡ ବଡ ଢେଉର ସାମ୍ନାରେ ଆସୁଥିବା ପ୍ରତ୍ୟେକ ଜିନିଷ, ବସ୍ତୁ ପ୍ରାୟତଃ ନଷ୍ଟ ହୋଇଯାଇଥାଏ। ବିମାନ ଉଡାଣ ସମୟରେ ଯେଉଁଭଳି ଭାବେ ଘଡଘଡ ଶବ୍ଦ ସୃଷ୍ଟି ହୁଏ ସେହିପରି ଶବ୍ଦରେ ଏହି ସୁନାମୀ ମାଡିଆସେ। ଏହି ଜଳ ଢେଉ ଏକ ବିଶାଳ ପ୍ରାଚୀର ପରି ଦୃଶ୍ୟମାନ ହୁଏ ଏବଂ ବଢି ପାଣି ଭଳି ମାଡି ଆସି ଘରଦ୍ୱାର, ପ୍ରାଚୀର, ବଡବଡ ଅଟ୍ଟାଳିକାକୁ ଭାଙ୍ଗିଦିଏ। ସୁନାମୀ ତରଙ୍ଗର ଦୈର୍ଘ୍ୟ ପ୍ରାୟ୧୦ରୁ ୫୦୦ କିଲୋମିଟର। ସୁନାମୀ ସେକେଣ୍ଡ ପ୍ରତି ପ୍ରାୟ ୨୦୦ ମିଟରରୁ ଉର୍ଦ୍ଧ୍ୱ ଓ ଘଂଟାପ୍ରତି ୭୦୦ କିଲୋମିଟରରୁ ଉର୍ଦ୍ଧ୍ୱ ଗତି କରିଥାଏ। ସୁନାମୀଦ୍ୱାରା ସମୁଦ୍ର ପତନ ୧୦ଫୁଟ ଉପରକୁ ଉଠିଯାଇପାରେ। ଏହା ଏକ ଅସାଧାରଣ ପ୍ରକ୍ରିୟା। ରିକ୍ଟର ସ୍କେଲରେ ୭.୫ରୁ ଉର୍ଦ୍ଧ୍ୱ ମ୍ୟାଗ୍ନିଚୁଡର ଭୂମିକମ୍ପ ସୁନାମୀ ବିଧ୍ୱଂସକାରୀ ହୋଇଥାଏ। ଭୂକମ୍ପୀୟ ସମୁଦ୍ର ଲହଡି ଏହାର କାରଣ ବୋଲି ବିବେଚନା କରାଯାଉଥିଲେହେଁ ଏହାକୁ କେହି କେହି ରେଳ ତରଙ୍ଗ ବୋଲି କହିଥାନ୍ତି। ସୁନାମୀତରଙ୍ଗ ଅବଧି ମିନିଟରୁ ଘଂଟା ପର୍ଯ୍ୟନ୍ତ ରହିଥାଏ। ଏହି ଲହଡିକୁ ମୃତ୍ୟୁର ଲହଡି ବୋଲି ମଧ୍ୟ କୁହାଯାଏ। ସୁନାମୀ ହେଉଛି ଏକ ଜାପାନୀ ଶବ୍ଦ ଯାହାର ଅର୍ଥ ହେଉଛି ବନ୍ଦର ତରଙ୍ଗ। ସାଧାରଣତଃ ସୁନାମୀର ପ୍ରଥମ ଲହଡି ଶକ୍ତିଶାଳି ହୋଇନଥାଏ। କିନ୍ତୁ ପରବର୍ତ୍ତି ଲହଡିଗୁଡିକ ବୃହତ ଓ ଶକ୍ତିଶାଳୀ ହୋଇଥାଏ। କିଛି ଜୀବବିଜ୍ଞାନୀଙ୍କ ମତରେ ପଶୁମାନଙ୍କର ଭୂମିକମ୍ପ, ସୁନାମୀର ଇନ୍ଦ୍ରିୟାନୁଭବ ଦକ୍ଷତା ଥାଏ। ୮୦ ଶତକଡା ସୁନାମୀ ପ୍ରଶାନ୍ତ ମହାସାଗରର ଅଗ୍ନିବଳୟ ମଧ୍ୟରେ ସଂଗଠିତ ହୁଏ। ଅଗ୍ନିବଳୟ ବା ରିଂ ଅଫ ଫାୟାର କହିଲେ ଯେଉଁଠାରେ ଅଗ୍ନି ଉଦଗୀରଣ ଓ ଭୂମିକମ୍ପ ବାରମ୍ବାର ସଂଗଠିତ ହୁଏ। ଏଣୁ ଉତର ଆମେରିକା, ଦକ୍ଷିଣ ଆମେରିକା, ଋଷିଆ, ପ୍ରଶାନ୍ତ ମହାସାଗରୀର ପଶ୍ଚିମ ଦ୍ୱୀପଗୁଡିକ ଅଧିକ ଦୁର୍ବଳ। ସୁନାମୀ କେନ୍ଦ୍ରବିନ୍ଦୁଠାରୁ ୨୭୦ କିଲୋମିଟର ଦୂରତା ମଧ୍ୟରେ ଥିବା ୯୯ଶତକଡା ବ୍ୟକ୍ତି ମୃତ୍ୟବରଣ କରିବାର ସମ୍ଭାବନା ଯଥେଷ୍ଟ। ତାଳଗଛ ସୁନାମୀ କବଳରୁ ବଂଚିଯାଇପାରେ।

+ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩

କବିତା
ତୁମ ପାଇଁ

## ଶୀତ କରୁଅଛି ରାଜୁତି

ଶ୍ରୀ ସତ୍ୟବ୍ରତ ସାହୁ

ଧରାଧାମେ ଏବେ ଶୀତ କରୁଅଛି ରାଜୁତି
ଦିନ ଛୋଟ ଏବେ ଲମ୍ୱା ଅଟେ ପରା ରାତିଟି ।

ସକାଳୁ ସକାଳୁ ଆକାଶୁ କାକର ଝରୁଛି
ସିରିସିରି ହୋଇ ହେମାଳ ପବନ ବହୁଛି ।

ଗହୀର ବିଲରେ ଧାନକେଣ୍ଡା ପାଚି ହସୁଛି
ନଦୀ ପଠାପରେ ପରିବାର ହାଟ ବସିଛି ।

ହଳଦିଆ ଫୁଲେ ନାଚୁଛି ସୋରିଷ କିଆରି
ଗେଣ୍ଡୁଫୁଲ ଫୁଟି ମୋହୁଅଛି ମନ ସବୁରି ।

ଖରା ପୋଇଁବାକୁ ସକାଳୁ ଲାଗୁଛି ଗହଳି
ସ୍ୱେଟର,ଟୋପି,ଚାଦର ଚାଲିଛି ବିକିରି ।

ସକାଳେ ସଞ୍ଜରେ ଦେହ ହାତ ଥରି ଯାଉଛି
ଶୁଭଟି ଆମର ଡେରିରେ ବିଛଣା ଛାଡୁଛି ।

ସପନ ବାପୁଡା ଗାଧୋଇବା ପାଇଁ ଡରୁଛି
ରେଜେଇ ଭିତରେ ମୁହଁକୁ ଲୁଚାଇ ପଡୁଛି ।

ହାତେ ଦାଆ ଧରି ଚାଷୀ ଭାଇ ଧାନ କାଟୁଛି
ବୋହି ଆଣି ପୁଣି ଖଳାରେ ସାଇତି ରଖୁଛି ।

ଘରର କାନୁରେ ଝୋଟି ଚିତା କେତେ ପଡ଼ିଛି
ମାଆ ଲକ୍ଷ୍ମୀଙ୍କର ମାଣବସା ପୂଜା ହୋଇଛି ।

ପାଣି ନିଆଁ ପରି ନିଆଁ ପାଣି ପରି ଲାଗୁଛି
ଧରାଧାମେ ଏବେ
ଶୀତ ତା' ପସରା ମେଲିଛି ।

+ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୮୯୧୭୨୭୩୫୪୫

## ଯା' ରେ ବୋଇତ ଭାସି ଯା....

ବିଜୟଲକ୍ଷ୍ମୀ ପାଣିଗ୍ରାହି

ନୀଳ ଦରିଆର ବୁକୁ ଚିରି
ଯାଇଥିଲା ଦିନେ ଆମ ତରୀ
ଦେଶ ବିଦେଶରେ କାରବାର କରି
ଆସୁଥିଲା ଦେଶେ ପୁଣି ଫେରି।

ଆଜି ଆଉ ନାହିଁ ସେଇ କଥା
ମନେ ଭରିଅଛି ବଡ଼ ବ୍ୟଥା
ମାଆ ମାଟି ପାଣି ପବନେ ବଢ଼ି ବି
ଗାଏ ପୁଅ ବିଦେଶର ଗାଥା।

ବିଦେଶୀ ଶାସନ ହଟିଗଲା
ମୋହ କିନ୍ତୁ ମନୁ ନ ଛାଡିଲା
ମାଆକୁ ଭୁଲିଲୁ ମାଉସୀ ସେବାରେ
ବିଦେଶ କରମ ସ୍ଥାନ ହେଲା।

କାର୍ତ୍ତିକ ପୂର୍ଣ୍ଣିମା ଆସିଲାଣି
ବୋଇତ ସଜାଏ ସାଧବାଣୀ
ଫେରିଆ ଧନ ଦୂର ବିଦେଶରୁ
ମାଆ ତୋର କ୍ଷୀଣ ହୋଇଲାଣି।

ଯାଆରେ ବୋଇତ ଭାସି ଯାଆ
ମୋ ଧନକୁ ସାଥେ ନେଇ ଆ
ଜନମ ମାଟିର ସୁଝିବାକୁ ଋଣ
ଅଣ୍ଟା ଭିଡି ଏବେ ହୁଅ ଠିଆ।

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

## ଯିବା ଚାଲ ଆମେ ଖରାକୁ

ଶରତ କୁମାର ଦାସ

ଶୀତ ଆସିଲାଣି ଧରାକୁ ପିଲାଏ
ଶୀତ ଆସିଲାଣି ଧରାକୁ,
କାଲୁଆ ପବନ ବହିଲାଣି ଧୀରେ
ଯିବା ଚାଲ ଆମେ ଖରାକୁ ।

ସକାଳ ସୂରୁଯ ପୂରୁବ ଆକାଶେ
ଉଇଁଲେଣି ହସି ହସିକି,
କଅଁଳ କିରଣ ମଧୁର ପରଶେ
କିଣିଲାଣି ମନ ରସିକି ।

ଶିରି ଶିରି ଲାଗିଲାଣି କାନ ମୁଣ୍ଡ
ଦେହ ହାତ ଥରିଯାଉଛି,
ଶୀତ ଲୁଗାପଟା କମ୍ୱଳ ଚାଦର
ସଭିଙ୍କ ପରାଣ ମୋହୁଛି ।

ସୋରିଷ କ୍ଷେତରେ ଶୋଭାର ପଶରା
ହୃଦୟକୁ ଆମ ଛୁଉଁଛି,
ଫୁଲ ବଗିଚାରେ ଗୁଣୁଗୁଣୁ ସୁରେ
ଭଅଁର ତ ଗୀତ ଗାଉଛି ।

ଆକଶୁ ଝରୁଛି କାକରର ଟୋପା
ଦୁବ ପତର ତ ମିଶୁଛି,
ଢଳ ଢଳ ରୂପ ଜହ୍ନ ଆଲୁଅରେ
କି ସୁନ୍ଦର ସତେ ଦିଶୁଛି ।

ବଣ, ବିଲ, ନଈ,ପାହାଡ,ଝରଣା
ଗାଉଛନ୍ତି ଗୀତ ସରବେ,
ଦୂର ରାଇଜରୁ ଉଡିଆସିଲେଣି
ନାନା ଜାତି ପକ୍ଷୀ ଗରବେ ।

ଶୀତ ଋତୁ ପରା ଦେହ ପାଇଁ ହିତ
ତା' ସହିତ ମିତ ବସିବା,
ସାବଧାନ ହୋଇ ଚଳିଲେ ସରବେ
ସଭିଏଁ ତ ଆମେ ହସିବା ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଏ ଶୀତରେ ଭଲଲାଗେ

ନୀଳମଣି ଚାନ୍ଦ

ଏ ଶୀତରେ ଭଲଲାଗେ
ଦାରିଂବାଡ଼ି ବୁଲିଲେ
କାକର-ମୁକୁତା ଦେଖି
ଦୁଃଖ ସବୁ ଭୁଲିଲେ।

କୁଡ୍ ମୁଡ୍ ଚୋବେଇଲେ
ଚଣା,ବୁଟ,ମଟର
କମ୍ୱଳ ରେଜେଇ ଘୋଡ଼ି
ଶୋଇଥିଲେ ଖଟର
ସୁଏଟର କିଣୁଥିଲେ
ବୁଲି ଉଲ୍ ବଜାର
ନିଆଁ ପୁଆଁ ବେଳେ ଗପ
ଶୁଣୁଥିଲେ ଅଜାର।

କୁଡ଼କୁଡ଼ ବସିଥିଲେ
ପରିବାର ହାଟଟି
କୁହୁଡ଼ିଟି ଥିଲେ ବାଟେ
ଧରି ଧଳା ଛାଟଟି।
ଗେଣ୍ଡୁ,ରଙ୍ଗଣି ଫୁଲଟି
ବଗିଚାରେ ଫୁଟିଲେ
କାଂଜି ପିଇବାକୁ ପିଲେ
ଆଇ ପାଶେ ଛୁଟିଲେ।

ଏ ଶୀତରେ ଭଲ ଲାଗେ
ଶୁଣିରାତି ବଡ଼ଟି
ସେ ଶିଖାଏ କଷ୍ଟ ସହି
ମୋ ପରିକା ଲଢଟି।

+ ୨୭,ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯,
ମୋ:୯୫୮୩୨୦୨୩୫୭/
୮୨୪୯୧୩୭୦୯୧

## ଯାତରା ଆସୁଛି ବାଲିଯାତରା

ଦୀନବନ୍ଧୁ ପୋଇ

ଯାତରା ଆସୁଛି ବାଲିଯାତରା
ବଣିକ ଖୋଲିବେ ତାଙ୍କ ପସରା ।

ଚାଲ ଦିଲୁ ଦିଶା ବୁଲି ଆସିବା
ବୁଲି ଭଳି ଭଳି ଚିଜ ଦେଖିବା
ଗୁପଚୁପ ଠୁଙ୍କାପୁରୀ ଖାଇବା
ଅତୀତର ଇତିହାସ ଜାଣିବା ।

ଯାହା ତ ଖୋଜିବ ତାହା ପାଇବ
ପଇସା ଦେଇ କି କିଣି ଆଣିବ ।
ପିଲା ପାଇଁ ଥାଏ ନାନା ଖେଳଣା
ଆଇ ପାଇଁ କିଣି ନେବା ବେଲଣା ।

ନୌବାଣିଜ୍ୟର ଅତିତ କଥା
ପଢ଼ିଲେ ମନରେ ଆସଇ ବ୍ୟଥା ।
ଆମ ସଂସ୍କୃତିର ଏ ପ୍ରଥା ଥିଲା
ସାଧବେ ଯାଆନ୍ତି ବିଦେଶ ଭଲା ।

ଧନ୍ୟ ଥିଲେ ସେଇ ସାଧବପୁଅ
ପ୍ରଶଂସାର ଛୁଟୁଥିଲା ଯେ ସୁଅ।
ଯାଉଥିଲେ ଜାଭା ସୁମିତ୍ରା ଦେଶ
ସେ ଥିଲେ ଓଡ଼ିଆ ଭାରି ସାହାସ ।

ପ୍ରସିଦ୍ଧ କଟକ ବାଲି ଯାତରା
ସାରା ଭାରତ ରେ ଇଏ ନିଆରା ।
ଭାଇଚାରା ଅଟେ ଆମ ସଂସ୍କୃତି
ମାନିଛୁ ମାନିବୁ ତାହାର ନୀତି ।

+ଗୋରଡ଼ା ପାଳ
କରମୂଳ , ଢେଙ୍କାନାଳ
(ମୋ) ୯୯୩୮୦୨୪୧୨

## ଅଧିକ ଅର୍ଥ ହିଁ ଅନର୍ଥ

ବିନୟ କୁମାର ଦାସ



ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ ପୁନାରେ ଯେଉଁ ବିଦ୍ୟାଳୟ ସ୍ଥାପନ କରିଥିଲେ ସେଥିରେ ସେ ନିଜେ ଥିଲେ ବ୍ୟବସ୍ଥାପକ ଓ ପ୍ରଧାନ ଶିକ୍ଷକ। ବିଦ୍ୟାଳୟର ପରିଚାଳନା ଓ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କାର୍ଯ୍ୟରେ ସେ ସାରାଦିନ ବ୍ୟସ୍ତ ରହୁଥିଲେ। ଏତେ କାମ କରୁଥିଲେ ସିନା ହେଲେ ମାସକୁ ଦରମା ନେଉଥିଲେ ମାତ୍ର ତିରିଶ ଟଙ୍କା। ଅଥଚ ଶିକ୍ଷକମାନଙ୍କର ଦରମା ହାର ସ୍ଥିର କରିବାର ଦାୟିତ୍ୱ ତାଙ୍କ ନିଜ ପାଖରେ ହିଁ ରହିଥିଲା। ଏହା ଲକ୍ଷ୍ୟ କରି ତାଙ୍କ ବନ୍ଧୁମାନେ ତାଙ୍କୁ କହିଥିଲେ,"ଯେଉଁ ବେତନ ଆପଣ ନେଉଛନ୍ତି ସେତକ ଆପଣଙ୍କ ଯୋଗ୍ୟତା ତୁଳନାରେ ବହୁତ କମ୍। ଆପଣ ଏବେ ସିନା କଷ୍ଟେ ମଷ୍ଟେ ଚଳି ଯାଉଛନ୍ତି, କିନ୍ତୁ ଭବିଷ୍ୟତ ପାଇଁ ତ କିଛି ସଂଚୟ କରି ରଖିବା କଥା। ଆପଣ ଆପଣଙ୍କ ବେତନ ବଢ଼ାଇ ଦେଉ ନାହାନ୍ତି କାହିଁକି ?"

ବନ୍ଧୁମାନଙ୍କର ଉପଦେଶ ଓ ଅନୁରୋଧ ଶୁଣି ତିଳକ କହିଥିଲେ,"ମୁଁ ଜଣେ ଭାରତୀୟ। ଭାରତୀୟମାନେ ଯେମିତି ଚଳୁଛନ୍ତି ମୁଁ ତ ସେମିତି ଚଳିପାରୁଛି। ଅଧିକ ଅର୍ଥ ମୋର କ'ଣ ହେବ ? ଆଉ ଭବିଷ୍ୟତ କଥା କହୁଛନ୍ତି ? ସେ ତ ଆମ ହାତ କଥା ନୁହେଁ। ତା'ପରେ ଜନସେବାରେ ଯେଉଁମାନେ ବ୍ରତୀ, ସେମାନେ ନିଜର ଭବିଷ୍ୟତକୁ ଈଶ୍ୱରଙ୍କ ଉପରେ ଛାଡ଼ିଦେବା ଉଚିତ। ମୁଁ ବି ସେଇଆ କରିଚି। ତେଣୁ ମୋ ବେତନ ବଢାଇବାର ପ୍ରଶ୍ନ ଉଠୁନାହିଁ।"

+ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୧

# ଭାରତ ଯୋଡ଼- ଓଡ଼ିଶା ପରିବର୍ତ୍ତନ ଯାତ୍ରା ଦ୍ୱିତୀୟ ଦିନରେ ଜଗତପୁରରେ ପହଂଚିଲା

ଭୁବନେଶ୍ୱର, ୪/୧୧ (ନି.ପ୍ର): ଓଡ଼ିଶା ପରିବର୍ତ୍ତନ ଯାତ୍ରାର ଦ୍ୱିତୀୟ ଦିନରେ ଗୁରୁବାର ଫୁଲନଖରା ସ୍ଥିତ ଲଖେଶ୍ୱର ମନ୍ଦିର ଠାରୁ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। କଟକ ଜିଲ୍ଲା ସୀମାରେ ନଖରାଛକ ପୂର୍ବରୁ କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ ଏବଂ କଟକ ନଗର ଜିଲ୍ଲା କଂଗ୍ରେସ ସଭାପତି ସୁରେଶ କୁମାର ମହାପାତ୍ର ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ କରିବା ସହିତ ପଦଯାତ୍ରୀଙ୍କ ସହିତ ଯୋଡ଼ି ହୋଇ ପଦଯାତ୍ରା କରିଥିଲେ। ହଜାର ହଜାର କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତା ଏହି ଭାରତ ଯୋଡ଼ ପରିବର୍ତ୍ତନ ଯାତ୍ରାରେ ସାମିଲ ହୋଇଥିଲେ। ପିର ବଜାର ସ୍ଥିତ ଦରଘାରେ ଚାଦର ଚଢ଼ାଇ ଏବଂ ନିକଟସ୍ଥ ହନୁମାନ ମନ୍ଦିରରେ ଶ୍ରୀ ପଟ୍ଟନାୟକ ଓ ଅନ୍ୟ ବରିଷ୍ଠ ନେତୃବର୍ଗ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଯାତ୍ରା ଯେତେ ଆଗକୁ ଆଗକୁ ଯାଉଥିଲା ଜନସମାଗମ ସେମିତି ବଢ଼ି ବଢ଼ି ଚାଲିଥିଲା। ତେଲଙ୍ଗାପେଣ୍ଠ ଓ ପ୍ରତାପନଗରୀ ଠାରେ ଶ୍ରୀ ପଟ୍ଟନାୟକଙ୍କୁ ସାଧାରଣ ଜନତା ତଥା କଟକ ଜିଲ୍ଲା କଂଗ୍ରେସ ନେତୃବୃନ୍ଦ ସ୍ୱାଗତ କରିବା ସହିତ ପଦଯାତ୍ରାରେ ଯୋଗଦେଇଥିଲେ। ପ୍ରଥମାର୍ଦ୍ଧରେ ଏହି ପଦଯାତ୍ରା ୧୨ କି.ମି. ଅତିକ୍ରମ କରି କଟକ ଗୋପାଳପୁର ଠାରେ ମଧ୍ୟାହ୍ନ ଭୋଜନ ପାଇଁ ବିରତି ନେଇଥିଲେ। ଅପରାହ୍ନରେ ପଦଯାତ୍ରା ଆରମ୍ଭ ହୋଇ ଏହା ଜଗତପୁର ଛକ ଠାରେ ପଂହଚିବା ପରେ ଦ୍ୱିତୀୟ ଦିନର ଯାତ୍ରା ଶେଷହେଲା।

ରାସ୍ତାରେ ଶ୍ରୀ ପଟ୍ଟନାୟକ ସଂଖ୍ୟାଲଘୁ ସଂପ୍ରଦାୟର ବହୁ ନେତୃବର୍ଗ, ଆଇନଜୀବି, କୃଷକ, ଶ୍ରମିକ ଓ ସାମାଜିକ କର୍ମୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ଶ୍ରୀ ପଟ୍ଟନାୟକ ସାମ୍ବାଦିକମାନଙ୍କ ପ୍ରଶ୍ନରେ ଉତର ଦେଇ କହିଥିଲେ ଯେ ଭାରତ ଯୋଡ଼ ପରିବର୍ତ୍ତନ ଯାତ୍ରାର ମୂଳ ଉଦ୍ଦେଶ୍ୟ ଓଡ଼ିଶାର ଦୀର୍ଘ ୨୨ ବର୍ଷ ଓ କେନ୍ଦ୍ରର ଏକ ୮ବର୍ଷର ଏକ କଳଙ୍କିତ, ଦୁର୍ନୀତିଖୋର, ଭ୍ରଷ୍ଟାଚାରୀ, ଗଣତନ୍ତ୍ର ଓ ସମ୍ବିଧାନ ବିରୋଧି ସରକାର ବିରୁଦ୍ଧରେ ଜନସଚେତନତା କରିବା।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବା ଜେନା, ସନ୍ତୋଷ ସିଂ ସାଲୁଜା, ଭୂଜବଳ ମାଝୀ, ରବି ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ, ବନ୍ଦିତା ପରିଡ଼ା, ସ୍ମୃତି ରଞ୍ଜନ ଲେଙ୍କା, ୟାସିର ନୱାଜ, ନକୁଳ ନାୟକ, ବିଭୁତି ମିଶ୍ର, ବିଶ୍ୱଜିତ ଦାଶ, କିଶୋର ଜେନା, ବାଙ୍କନିଧି ବେହେରା, ସନତ ଦାସ, ସଂଜୟ ତ୍ରିପାଠୀ, ବିସ୍ମୟ ମହାପାତ୍ର, ଆଲୋକ ଲେଙ୍କା, ଅନିଲ ବେଉରା, ପ୍ରକାଶ ମିଶ୍ର, ରଜନୀ ମହାନ୍ତି, କାବୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ସ୍କୁଲ ଶିକ୍ଷାକୁ ନେଇ କେନ୍ଦ୍ର ସରକାରଙ୍କ ରିପୋର୍ଟ: ଶ୍ରେଷ୍ଠ ୧୦ରେ ଓଡ଼ିଶା

ଭୁବନେଶ୍ୱର, ୪/୧୧ (ନି.ପ୍ର): ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଗକୁ ବଢୁଛି। ପୂର୍ବ ଅପେକ୍ଷା ଛାତ୍ରଛାତ୍ରୀଙ୍କୁ ଉନ୍ନତ ଭିତ୍ତିଭୂମି ସାଙ୍ଗକୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ମଧ୍ୟ ଉଚ୍ଚକୋଟୀର ହୋଇଛି। କରୋନା ଭଳି କଠିନ ସମୟରେ ବି ପିଲାମାନଙ୍କ ପ୍ରଦର୍ଶନ ଭଲ ରହିଥିଲା। ଯେଉଁଥିପାଇଁ ଦେଶର ଶ୍ରେଷ୍ଠ ୧୦ ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। କେବଳ ସେତିକି ନୁହେଁ, ୨୦୧୯-୨୦ ତୁଳନାରେ ୨୦୨୦-୨୧ରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପର୍ଫମାନ୍ସ ଗ୍ରେଡିଂ ଇନ୍‌ଡେକ୍ସ(ପିଜିଆଇ)ରେ ଭଲ ପ୍ରଦର୍ଶନ କରିଛି। ଗୁଣାତ୍ମକ ଶିକ୍ଷା, ବିଦ୍ୟାଳୟକୁ ପ୍ରବେଶ ସୁବିଧା, ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା, ମୂଲ୍ୟାୟନ ଓ ଗଭର୍ଣ୍ଣାନ୍ସ ପରି ୫ଟି ବିଷୟକୁ ନେଇ ରାଜ୍ୟଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା। ମୋଟ ହଜାର ପଏଣ୍ଟ ମଧ୍ୟରୁ ଓଡ଼ିଶା ୮୭୭ ହାସଲ କରି ସାରା ଦେଶରେ ୧୦ମ ସ୍ଥାନରେ ରହିଛି। ଓଡ଼ିଶା ସମେତ ୧୨ଟି ରାଜ୍ୟ ୮୫୧ରୁ ୯୦୦ ଭିତରେ ପଏଣ୍ଟ ହାସଲ କରି ଗ୍ରେଡ୍-୧+ରେ ରହିଛନ୍ତି। ଲଗାତାର ୪ବର୍ଷ ହେଲା ଓଡ଼ିଶା ଗୋଟିଏ ପରେ ଗୋଟିଏ ପାହାଚ ଉପରକୁ ଚଢୁଛି। ୨୦୧୭-୧୮ ଓ ୨୦୧୮-୧୯ ଶିକ୍ଷାବର୍ଷରେ ଓଡ଼ିଶା ୭୪୯ ପଏଣ୍ଟ ସହ ଗ୍ରେଡ୍-୩ରେ ରହିଥିଲା। ୨୦୧୯-୨୦ରେ ୮୩୮ ପଏଣ୍ଟ ସହ ଗ୍ରେଡ୍-୧ ସ୍ଥାନରେ ପହଞ୍ଚିଥିଲା। ଏଥର ଆହୁରି ଉପରକୁ ଉଠିଛି। ମୋଟ ହଜାର ପଏଣ୍ଟ ମଧ୍ୟରୁ ଓଡ଼ିଶା ୮୭୭ ହାସଲ କରିଛି। ଗୁଣାତ୍ମକ ଶିକ୍ଷାରେ ୧୮୦ରୁ ୧୩୮, ପ୍ରବେଶ ସୁବିଧାରେ ୮୦ରୁ ୭୧, ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧାରେ ୧୫୦ରୁ ୧୩୩, ମୂଲ୍ୟାୟନରେ ୨୩୦ରୁ ୨୨୧ ଓ ଗଭର୍ଣ୍ଣାନ୍ସ ପ୍ରୋସେସ୍‌ରେ ୩୬୦ରୁ ୩୧୪ ପଏଣ୍ଟ ପାଇଛି। ଚିନ୍ତାର କାରଣ ହେଉଛି ଯେ ଲଗାତାର ୫ବର୍ଷ ହେଲା ଓଡ଼ିଶାରେ ସ୍କୁଲ, ଶିକ୍ଷକ, ଛାତ୍ରଛାତ୍ରୀଙ୍କ ସଂଖ୍ୟା କମିବାରେ ଲାଗିଛି। ୨୦୧୭-୧୮ ଶିକ୍ଷାବର୍ଷରେ ଓଡ଼ିଶାରେ ୬୯ ହଜାର ୨୦୯ଟି ସରକାରୀ, ଅନୁଦାନପ୍ରାପ୍ତ, ଘରୋଇ ଓ ଅନ୍ୟାନ୍ୟ ବିଦ୍ୟାଳୟ ରହିଥିବା ବେଳେ ପଢ଼ାଇବା ଲାଗି ୩ ଲକ୍ଷ ୪୪ ହଜାର ୮୬୬ ଶିକ୍ଷକ ଓ ୮୦ ଲକ୍ଷ ୨୦ ହଜାର ୬୪୨ଜଣ ଛାତ୍ରଛାତ୍ରୀ ରହିଥିଲେ। ଏବେ ସଂଖ୍ୟା ଯଥାକ୍ରମେ ୬୨ ହଜାର୨୯୧, ୩ ଲକ୍ଷ ୩୧ ହଜାର ୩୩୬ ଓ ୭୫ ଲକ୍ଷ ୭୬ ହଜାର ୮୯୩ ରହିଛି। ମେ ?ଳିକ ସୁବିଧା ଉପଲବ୍ଧ କରାଇବାରେ ଓଡ଼ିଶାର ବିଦ୍ୟାଳୟଗୁଡ଼ିକ ପ୍ରଦର୍ଶନ ବଢ଼ିଛି। ମାତ୍ର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ବିଦ୍ୟୁତ୍ ଓ ମେଡିକାଲ ସେବା ଯୋଗାବାରେ ଏବେ ବି ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକ ବହୁ ପଛରେ ଅଛନ୍ତି। ପିଜିଆଇ ରିପୋର୍ଟ ଅନୁଯାୟୀ ୨୦୨୦-୨୧ ଶିକ୍ଷାବର୍ଷରେ ୭ଟି ରାଜ୍ୟ ଯଥା କେରଳ, ପଞ୍ଜାବ, ଚଣ୍ଡୀଗଡ଼, ମହାରାଷ୍ଟ୍ର, ଗୁଜରାଟ, ଆନ୍ଧ୍ରପ୍ରଦେଶ ଓ ରାଜସ୍ଥାନ ଉନ୍ନତ ପ୍ରଦର୍ଶନ କରି ଲେବୁଲ୍-୨ରେ ସ୍ଥାନ ପାଇଛନ୍ତି। ଅର୍ଥାତ୍ ସେମାନେ ୧୦୦୦ରୁ ୯୦୧ରୁ ୯୫୦ ମଧ୍ୟରେ ପଏଣ୍ଟ ହାସଲ କରିଛନ୍ତି। ୨୦୧୭-୧୮ରେ କୌଣସି ବି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ଏହି ଗ୍ରେଡ୍ ହାସଲ କରିପାରି ନ ଥିଲେ। ୨୦୧୯-୨୦ରେ ମାତ୍ର ୪ଟି ରାଜ୍ୟ ତାଲିକାରେ ଥିବା ବେଳେ ଏଥର ଗୁଜରାଟ, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶ ନୂତନ ଭାବେ ପ୍ରବେଶ କରିଛନ୍ତି। ଗ୍ରେଡ୍-୧+ରେ ୧୨ଟି ରାଜ୍ୟ ଥିବା ବେଳେ ଗ୍ରେଡ୍-୧ରେ ୬, ଗ୍ରେଡ୍-୨ରେ ୬, ଗ୍ରେଡ୍-୩ରେ ୪, ଗ୍ରେଡ୍-୪ରେ ଗୋଟିଏ ରାଜ୍ୟ ରହିଛି।

# ପୁରୀ, ଭୁବନେଶ୍ୱର, କଟକ ରେଳ ଷ୍ଟେସନ ରୂପ ବଦଳିବ

ଭୁବନେଶ୍ୱର, ୪/୧୧ (ନି.ପ୍ର): ଦେଶର ୪୦ଟି ରେଳ ଷ୍ଟେସନର ବିକାଶ କରାଯିବ। ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରମୁଖ ଷ୍ଟେସନଗୁଡ଼ିକର ପୁନଃ ନିର୍ମାଣ କାର୍ଯ୍ୟକୁ ଇତିମଧ୍ୟରେ ତ୍ୱରାନ୍ୱିତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଅତ୍ୟାଧୁନିକ ସୁବିଧା ଯୋଗାଇବା ଲାଗି ଭାରତୀୟ ରେଳପଥରେ ୪୦ଟି ଷ୍ଟେସନ ଚିହ୍ନଟ ସହ ବିକାଶ କାର୍ଯ୍ୟ ଜାରି ରହିଛି। ଆଉ ୧୪ଟି ରେଳ ଷ୍ଟେସନ ଟେଣ୍ଡର ପର୍ଯ୍ୟାୟରେ ରହିଛି। ଆସନ୍ତା ୫ମାସ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ସହ କାର୍ଯ୍ୟ ଆରମ୍ଭ ହେବ। ବିକଶିତ ହେବାକୁ ଥିବା ୫୪ଟି ରେଳ ଷ୍ଟେସନ ମଧ୍ୟରେ ଓଡ଼ିଶାର ୩ଟି ସମେତ ପୂର୍ବତଟ ରେଳପଥର ମୋଟ ୪ଟି ଷ୍ଟେସନ ରହିଛି। ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ବିକଶିତ ହେବାକୁ ଥିବା ଦୁଇଟି ଷ୍ଟେସନ ପୁରୀ ଓ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ୨୦୨୪ ସୁଦ୍ଧା ଏହି ଦୁଇ ରେଳ ଷ୍ଟେସନର ନବକଳେବର କରିବାକୁ ରେଳ ମନ୍ତ୍ରଣାଳୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସେହିପରି କଟକ ରେଳ ଷ୍ଟେସନର ଭିତ୍ତିଭୂମି ବିକାଶ କରି ବିଶ୍ୱସ୍ତରୀୟ କରିବା ଲାଗି ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା କରାଯିବ ବୋଲି ମନ୍ତ୍ରଣାଳୟ କହିଛି। ଐତିହ୍ୟ ସହର ପୁରୀ ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ମଡେଲ୍‌ରେ ପ୍ରସ୍ତୁତ କରାଯାଉଛି। ଅଗଷ୍ଟରୁ କାର୍ଯ୍ୟ ଆରମ୍ଭ ହୋଇଛି। ୨୦୨୪ ସୁଦ୍ଧା ଶେଷ ହେବାକୁ ଥିବା ରେଳ ଷ୍ଟେସନର ଉନ୍ନତୀକରଣ ଓ ଯାତ୍ରୀ ନିବାସ ନିର୍ମାଣ ପାଇଁ ୩୬୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଜାପାନ ଓ ଜର୍ମାନୀ ଜ୍ଞାନକୌଶଳରେ ନିର୍ମାଣ ହେବାକୁ ଥିବା ଏହି ଷ୍ଟେସନରେ ୨୦୦ରୁ ୩୦୦ କିମି ବାତ୍ୟା ସହନଶୀଳ ବିଲ୍ଡିଂ ନିର୍ମାଣ ହେବ। ଯେଉଁଥିରେ ଉତ୍କଳୀୟ କଳା ସଂସ୍କୃତି ଓ ସ୍ଥାପତ୍ୟର ଛାପ ରହିବ। ଭୁବନେଶ୍ୱରରୁ ପୁରୀ ଚାଲିବ ୱାର୍ଲ୍ଡ କ୍ଲାସ ଟ୍ରେନ। ୨୦୩ କୋଟି ଟଙ୍କା ବ୍ୟୟରେ ବିଶ୍ୱସ୍ତରୀୟ ସୁବିଧା ଥିବା ଯାତ୍ରୀ ନିବାସ କରିବାକୁ ରୂପରେଖ ପ୍ରସ୍ତୁତ ହୋଇଛି।

# ସିଏମ୍‌ସି, ଓଏଚ୍‌ପି.ସି ଏବଂ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ନିମନ୍ତେ ଇ-ଅଫିସର ଶୁଭାରମ୍ଭ

ଭୁବନେଶ୍ୱର, ୪/୧୧ (ନି.ପ୍ର): ୫-ଟି ଆଧାରରେ ରାଜ୍ୟ ପ୍ରଶାସନ କ୍ଷେତ୍ରରେ ଅନ୍ୟ ଏକ ପଦକ୍ଷେପ ଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆଜି କଟକ ପୌର ନିଗମ (ସି.ଏମ୍.ସି), ଓଡ଼ିଶା ଜଳ ବିଦ୍ୟୁତ ନିଗମ (ଓ.ଏଚ୍.ପି.ସି) ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ନିମନ୍ତେ ଇ-ଅଫିସ୍ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି ।

ରାଜ୍ୟ ଲୋକସେବା ଭବନ ସଭାଗୃହରୁ ଏହି ତିନିଟି ସଂସ୍ଥାର କାର୍ଯ୍ୟଧାରା ଅନୁଯାୟୀ ପ୍ରସ୍ତୁତ ଭିନ୍ନ ଭିନ୍ନ ସଫ୍ଟ ଓୟାର ଶୁଭାରମ୍ଭ କରି ମୁଖ୍ୟ ଶାସନ ସଚିବ କହିଥିଲେ ଯେ ଓସ୍ୱାସ୍ ଏବଂ ଇ-ଅଫିସ୍ ସରକାରୀ ପ୍ରଶାସନ ଓ ସେବା ଯୋଗାଣରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗର ଦୁଇଟି ଜ୍ୱଳନ୍ତ ଉଦାହରଣ । ଏହା ଅଫିସ କାର୍ଯ୍ୟଧାରାକୁ ସରଳ ଓ ସ୍ୱୟଂକ୍ରିୟ କରିବା ସହ ନିଷ୍ପତି ଗ୍ରହଣ ଓ ସେବା ଯୋଗାଣରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ଶ୍ରୀ ମହାପାତ୍ର ଆହୁରି ମଧ୍ୟ କହିଥିଲେ ଯେ ଅଫିସ ବରଣ୍ଡାରେ ଗଦା ଗଦା ଫାଇଲ୍ ବୋହିବା, ମାସ ମାସ ଧରି ଫାଇଲ୍ ଗୋଟିଏ ଟେବୁଲରେ ପଡି ରହିବା, ଫାଇଲ୍ ଲୁଚାଇଦେବା, ଫାଇଲ୍ ହଜିବା ଏବଂ ଫାଇଲ୍ରେ ହେରଫେର କରିବା ଆଦି ଅତୀତର କଥା ହୋଇଯାଇଛି । ଇ-ଅଫିସ୍ ମଧ୍ୟ ଅନ୍ଲାଇନରେ ବିଭିନ୍ନପ୍ରକାର ସେବା, ପ୍ରମାଣପତ୍ର ଅନୁମତି, କ୍ଷମତାପତ୍ର ପ୍ରଦାନରେ ବଡ ସହାୟକ ହୋଇଛି । ଇ-ଅଫିସ୍ ବ୍ୟବସ୍ଥା ସରକାରୀ କାର୍ଯ୍ୟାଳୟକୁ ବର୍ତ୍ତମାନ ଓ ଭବିଷ୍ୟତହ ଆହ୍ୱାନ ପାଇଁ ଦକ୍ଷ କରିଛି ।

ଯେଉଁ କାର୍ଯ୍ୟାଳୟ ଗୁଡିକ ଓସ୍ୱାସ୍ ଦ୍ୱାରା ସଂଯୋଗ ହୋଇନପାରିଛି ସେସବୁରେ ଇ-ଅଫିସ ଶିଘ୍ର ଆରମ୍ଭ କରିବା ନିମନ୍ତେ ଏକ ସମୟାନୁବନ୍ଧିତ କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବାକୁ ଶ୍ରୀ ମହାପାତ୍ର ସି.ଏମ୍.ଜି.ଆଇ. ଏବଂ ଏନ୍.ଆଇ.ସି.ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ଅବସରରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଥିଲେ ଯେ ଖୁବ୍ କମ୍ ସମୟ ମଧ୍ୟରେ ୮୩୬ ଟି ସରକାରୀ କାର୍ଯ୍ୟାଳୟରେ ଇ-ଅଫିସ ଆରମ୍ଭ କରିବା ଦିଗରେ ସି.ଏମ୍.ଜି.ଆଇ.ର କାର୍ଯ୍ୟ ପ୍ରଶଂସନୀୟ । ଏହି ବ୍ୟବସ୍ଥା ଫାଇଲ୍ ଆରମ୍ଭରୁ ନିଷ୍ପତି ଗ୍ରହଣ ଏବଂ ସେବା ପ୍ରଦାନକୁ ତ୍ୱରାନ୍ୱିତ କରିବା ସହ ବିଭିନ୍ନ ସ୍ତରରେ ସରକାରୀ ବ୍ୟବସ୍ଥାକୁ ଅଧିକ ସକ୍ରିୟ ଓ ଉତରଦାୟୀ କରିଛି ।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର କହିଥିଲେ ଯେ ଓସ୍ୱାସ୍ ମାଧ୍ୟମରେ ଅଫିସ ସ୍ୱୟଂକ୍ରିୟ କରିବା ଦିଗରେ ଓଡ଼ିଶା ଜାତୀୟସ୍ତରରେ ଏକ ଅଗ୍ରଣୀ ରାଜ୍ୟ । ବିଭିନ୍ନ ସ୍ତରରେ ଥିବା କାର୍ଯ୍ୟାଳୟ ମାନଙ୍କର ନଥିପତ୍ର ଡ଼ିଜିଟାଇଜ୍ କରିବା ସମୟସାପେକ୍ଷ ହୋଇଥିବାରୁ ଏନ୍.ଆଇ.ସି. ଏବଂ ସି.ଏମ୍.ଜି.ଆଇ.ଙ୍କ ମିଳିତ ସହଯୋଗିତାରେ ଇ-ଅଫିସ୍ କାର୍ଯ୍ୟାୟନ ଆରମ୍ଭ ହୋଇଛି । ଏହି ବ୍ୟବସ୍ଥା ଖୁବ୍ ସରଳ ଓ ସୁଗମ । ସମସ୍ତ ନିଗମ, ସାଧାରଣ ଉଦ୍ୟୋଗ ଏବଂ ବିଶ୍ୱବିଦ୍ୟାଳୟରେ ଇ-ଅଫିସ୍ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖା ଯାଇଛି ।

ସି.ଏମ୍.ଜି.ଆଇ.ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼ଃ ସତ୍ୟପ୍ରିୟ ରଥ କହିଥିଲେ ଯେ ବିଭିନ୍ନ କାର୍ଯ୍ୟାଳୟରେ ଇ-ଅଫିସ୍ର ଗ୍ରହଣୀୟତା ଓ କାର୍ଯ୍ୟକାରିତା ବେଶ୍ ଉତ୍ସାହ ଜନକ ହୋଇଛି । ଖୁବ୍ ଶିଘ୍ର ଆଉ ୧୦୦ ଟି କାର୍ଯ୍ୟାଳୟ ଓ ନିଗମରେ ଏହି ବ୍ୟବସ୍ଥା ପ୍ରଚଳନ କରାଯିବ ।

ଉଚ୍ଚ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ଓ.ଏଚ୍.ପି.ସି.ର ଅଧକ୍ଷ ବିଷ୍ଣୁପଦ ସେଠୀ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳାଧିପତି ପ୍ରଫେସର ରବିନ୍ଦ୍ର କୁମାର ପଣ୍ଡା, କଟକ ପୌର ନିଗମ କମିଶନର ନିଖିଲ ପବନ କଲ୍ୟାଣ, ଏନ୍.ଆଇ.ସି. ଉପ ମହାନିର୍ଦ୍ଦେଶକ ଶ୍ରୀମତୀ କବିତା ରାୟ ଦାଶ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଦେବବ୍ରତ ମଲ୍ଲିକ, ସି.ଏମ୍.ଜି.ଆଇ. ପ୍ରକଳ୍ପ ସଂଯୋଜକ ପିନାକୀ ମହାନ୍ତିଙ୍କ ସମେତ ସଂପୃକ୍ତ ବିଭାଗ ଓ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଏହି ଉତ୍ସବରେ ଅଂଶଗ୍ରହଣ କରି ନିଜ ନିଜର ମତାମତ ରଖିଥିଲେ ।

# ଦୁଇଭାଇଙ୍କୁ ଦଳିଦେଲା ଦନ୍ତା: ପିତାମାତା ବି ଗୁରୁତର, ଡାକ୍ତରଖାନାରେ ଭର୍ତ୍ତି



ଝାରସୁଗୁଡା ,୪/୧୧ (ନି.ପ୍ର): ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଭଉଁରା ଗ୍ରାମ ନିକଟରେ ଥିବା ଏକ ଇଟାଭାଟିରେ ହାତୀ ଆକ୍ରମଣରେରେ ଦୁଇ ଶିଶୁଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ଦୁଇ ଶିଶୁଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ପିତାମାତା ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ମୃତ ଦୁଇ ଶିଶୁ ଦୁଇ ଭାଇ ହୋଇଥିବା ବେଳେ ସେମାନଙ୍କ ନାମ ଧନଞ୍ଜୟ ସତନମୀ(୯) ଏବଂ ଅଭୟ ସତନମୀ(୧୧) ବୋଲି ଜଣାଯାଇଛି। ମୃତ ଶିଶୁଙ୍କ ମାତା ଲେହେରାବାଈ ସତନମୀ ଏବଂ ପିତା ଉମେଶ ରାମ ସତନମୀଙ୍କୁ ଝାରସୁଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଇଟାଭାଟିରେ ପଲିଥିନ ତଳେ ଶୋଇଥିବା ବେଳେ ହାତୀ ଏମାନଙ୍କୁ ଆକ୍ରମଣ କରିଥିବା କୁହାଯାଉଛି। ପିତାମାତାଙ୍କ ଆଗରେ ଦୁଇ ନାବାଳକ ପୁଅଙ୍କୁ ହାତୀ ଦଳିଦେଇ ଥିବା ଘଟଣା ଏହି ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି। ଏହି ଶ୍ରମିକ ପରିବାର ଇଟାଭାଟିରେ କାମ କରିବାକୁ ଛତିଶଗଡ଼ ରାଜ୍ୟର ଶକ୍ତି ଜିଲ୍ଲା ଅଞ୍ଚଳରୁ ଗତ ଦୁଇଦିନ ତଳେ ଆସିଥିଲେ। ବାଗଡିହି ଅଞ୍ଚଳରେ ବର୍ତ୍ତମାନ ୭ ଟିକିଆ ହାତୀପଲ ଉପଦ୍ରବ ଚଳାଇଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି।

# ସାମ୍‌ସର ତ୍ରୁଟିପୂର୍ଣ୍ଣ ପ୍ରକ୍ରିୟା: ରେଭେନ୍ସା ୟୁଜି, ପିଜିରେ ୩୬୦ ସିଟ୍ ଖାଲି



କଟକ ,୪/୧୧ (ନି.ପ୍ର): ଗୋଟିଏପଟେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ପସନ୍ଦର କଲେଜରେ ନାମ ଲେଖାଇବାର ସୁଯୋଗ ମିଳୁନି। ଅନ୍ୟପଟେ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ କଲେଜରେ ସିଟ୍ ଖାଲି ପଡୁଛି। 'ସାମ୍‌ସ' ବା 'ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍'ର ତ୍ରୁଟି ଯୋଗୁଁ ଏବେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସବୁଠୁ ଉଦ୍‌ବେଗଜନକ ଚିତ୍ର ସାମ୍‌ନାକୁ ଆସିଛି। ଯେଉଁଥିପାଇଁ ଚଳିତ ବର୍ଷ ଅକ୍ଟୋବର ୧୩ରେ ୟୁଜି ଓ ୧୭ରେ ପିଜି କ୍ଲାସ୍ ଆରମ୍ଭ ହୋଇଥିବା ବେଳେ ବିଶ୍ୱବିଦ୍ୟାଳୟରେ ୟୁଜିର ୧୬୦ ଓ ପିଜିର ୨୦୦ ସିଟ୍ ଖାଲି ପଡ଼ିଛି। ଅର୍ଥାତ୍, କ୍ଲାସ୍ ଆରମ୍ଭ ହେବାର ୨/୩ ମାସ ପରେ ବି ନାମଲେଖା ପ୍ରକ୍ରିୟା ଶେଷ ହେଉନାହିଁ। ତିନିରାଉଣ୍ଡ ଆଡମିସନ୍ ଶେଷ ହେବାପରେ ଏବେ ବଳକା ସିଟ୍‌କୁ ପୂରଣ କରିବାପାଇଁ କଲେଜ ଓ ବିଶ୍ୱବିଦ୍ୟାଳୟଙ୍କୁ ସ୍ପଟ୍ ଆଡମିସନ୍ କରିବାକୁ ସାମ୍‌ସ ପକ୍ଷରୁ ଦାୟିତ୍ୱ ଠେଲି ଦିଆଯାଇଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୯-୨୦୧୦ ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀଙ୍କ ନାମ ଲେଖା ପ୍ରକ୍ରିୟାକୁ ସରଳ କରିବା ପାଇଁ ଆରମ୍ଭ ହୋଇଥିଲା 'ସାମ୍‌ସ' ବ୍ୟବସ୍ଥା। କିନ୍ତୁ 'ସାମସ୍' ପକ୍ଷରୁ ନାମ ଲେଖା ବ୍ୟବସ୍ଥାରେ ବ୍ୟବହାର କରାଯାଉଥିବା ସିଜିପିଏ (କ୍ୟୁମୁଲେଟିଭ୍ ଗ୍ରେଡ୍ ପଏଣ୍ଟ ଆଭରେଜ୍)କୁ ପ୍ରତିଶତରେ ପରିଣତ କରିବା ସୂତ୍ର ଲାଗୁ କରାଯାଉଛି। ଏହା ତ୍ରୁଟିପୂର୍ଣ୍ଣ ବୋଲି ବହୁ ଶିକ୍ଷାବିତ୍ ମତ ଦେଇ ଆସିଛନ୍ତି। ଅନ୍ୟପଟେ ନାମ ଲେଖା ସମୟରେ 'ସାମ୍‌ସ' ପକ୍ଷରୁ ଛାତ୍ରଛାତ୍ରୀଙ୍କ ପୂରା ତାଲିକା ପ୍ରକାଶ କରାଯାଉ ନାହିଁ। ଏଥିରେ ସବୁ ଛାତ୍ରଛାତ୍ରୀଙ୍କ ପୂରା ନମ୍ବର କେତେ ରହିଛି, ନମ୍ବର ପରିବର୍ତ୍ତନ କେମିତି ହେଉଛି, କାହାକୁ କେଉଁଠି ଓ୍ୱେଟେଜ୍ ମିଳିଲା ତାହାର ସୂଚନା ଦିଆଯାଉ ନାହିଁ। ଏପରି ହେବାଦ୍ୱାରା ଛାତ୍ରଛାତ୍ରୀ ସିଜିପିଏ ଓ ପ୍ରତିଶତ ମାର୍କକୁ ନେଇ ଦ୍ୱନ୍ଦ୍ୱରେ ରହିବା ସହ 'ସାମ୍ ?ସ' ନିକଟରେ ଅଭିଯୋଗ କରିବାର ସୁଯୋଗ ପାଇପାରୁ ନାହାନ୍ତି।

୨୦୨୧-୨୦୨୨ ଶିକ୍ଷା ବର୍ଷର ନଭେମ୍ବର ୧୫ରେ କ୍ଲାସ୍ ଆରମ୍ଭ ହୋଇଥିବା ବେଳେ ନାମ ଲେଖା ପ୍ରକ୍ରିୟା ୨୦୨୨ ଜାନୁଆରି ୨୫ ପର୍ଯ୍ୟନ୍ତ ଚାଲିଥିଲା। ଏପରିସ୍ଥଳରେ ବହୁ ପିଲାଙ୍କ ପ୍ରଥମ ସେମିଷ୍ଟର ନଷ୍ଟ ହୋଇଥିଲା। ୩ଟି ପର୍ଯ୍ୟାୟରେ ନାମ ଲେଖା ଶେଷ ହୋଇଥିଲେ ବି ଏବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅନେକ ବିଭାଗରେ ବହୁସିଟ୍ ଖାଲି ପଡ଼ିଛି।

# ସୁନ୍ଦରଗଡ଼ ଭେଷଜ ମହାବିଦ୍ୟାଳୟକୁ ମେଧାବୀଙ୍କ ନାପସନ୍ଦ

ସୁନ୍ଦରଗଡ଼, ୪/୧୧ (ନି.ପ୍ର): ସୁନ୍ଦରଗଡ଼ ଭେଷଜ ମହାବିଦ୍ୟାଳୟ (ମେଡିକାଲ କଲେଜ)ରେ ୨୦୨୨-୨୩ ଶିକ୍ଷାବର୍ଷରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ପାଇଁ ୧୦୦ ଆସନରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ସେଥିମଧ୍ୟରୁ ସର୍ବଭାରତୀୟ କୋଟାରେ ୧୫ ଓ ରାଜ୍ୟ କୋଟାରେ ୮୫ଟି ଆସନ ରହିଛି। ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ପକ୍ଷରୁ ପ୍ରକାଶିତ ପ୍ରଥମ ପର୍ଯ୍ୟାୟ ଆଲଟ୍‌ମେଣ୍ଟ ତାଲିକା ଅନୁସାରେ, ସର୍ବଭାରତୀୟ କୋଟାର ୧୫ ଜଣ ଅକ୍ଟୋବର ୩୦ ତାରିଖ ସୁଦ୍ଧା ମହାବିଦ୍ୟାଳୟରେ ନାମ ଲେଖାଇବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ, ଏହା ଏଯାଏ ଶୂନ୍ ରହିଛି। ଅର୍ଥାତ୍ ସର୍ବଭାରତୀୟ କୋଟାର ଜଣେ ବି ମହାବିଦ୍ୟାଳୟରେ ରିପୋର୍ଟ କରିନାହାନ୍ତି। ଅବଶ୍ୟ ନିୟମ ଅନୁସାରେ, ସେହି ୧୫ ଆସନ ଖାଲି ରହିବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସେଗୁଡ଼ିକରେ ଅନ୍ୟମାନଙ୍କୁ ନାମଲେଖାଇବାକୁ ସୁଯୋଗ ଦିଆଯିବ ବୋଲି ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରକାଶ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନାମଲେଖା ପାଇଁ ଅକ୍ଟୋବର ୨୧ ତାରିଖରୁ ଚଏସ ଫିଲିଂ ଓ ଲକିଂ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୨୮ ତାରିଖରେ ପ୍ରଥମ ପର୍ଯ୍ୟାୟ ଆଲଟ୍‌ମେଣ୍ଟ ତାଲିକା ପ୍ରକାଶ ପାଇଥିଲା। ଅକ୍ଟୋବର ୩୦ରୁ ନଭେମ୍ବର ୪ ମଧ୍ୟରେ ପ୍ରୋଭିଜନାଲ ନାମଲେଖା, ଶୁଳ୍କ ଦାଖଲ ଓଜେଇଇ ସେଲ୍‌ରେ କରାଯିବାକୁ ନିର୍ଦ୍ଦେଶ ଥିଲା। ସେହିପରି ନଭେମ୍ବର ୬ରେ ଖାଲି ସିଟ୍ ତାଲିକା ପ୍ରକାଶ ସହ ୭ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜୀକରଣ, ୧୨ରେ ରାଜ୍ୟ ମେଧା ତାଲିକା ପ୍ରକାଶ ସହ ୧୨ରୁ ୧୪ ମଧ୍ୟରେ ପଞ୍ଜିକୃତ ନୂଆପିଲା ଚଏସ୍ ଫିଲିଂ ଓ ଲକିଂ କରିବେ। ୧୬ରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରୋଭିଜନାଲ ଆଲଟ୍‌ମେଣ୍ଟ ପ୍ରକାଶ ଓ ୧୯ରୁ ୨୧ ଯାଏ ନାମଲେଖା ହେବ। ଡିସେମ୍ବର ୬ରେ ସ୍ପଟ୍ ରାଉଣ୍ଡ କାଉନସେଲିଂ କରାଯିବ ବୋଲି ଓଜେଇଇରେ ବିଜ୍ଞପ୍ତିରେ ପ୍ରକାଶ ପାଇଥିଲା।

# ରାଜ୍ୟରେ କୃଷିଜାତ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ବ୍ୟାପକ ସୁଯୋଗ ରହିଛି-ମନ୍ତ୍ରୀ ଶ୍ରୀ ସ୍ୱାଇଁ

## ଆପିକଲକୁ ଅଧିକ କ୍ରିୟାଶୀଳ କରିବା ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର ,୪/୧୧ (ନି.ପ୍ର): ରାଜ୍ୟରେ କୃଷିଜାତ ଶିଳ୍ପ ପ୍ରତିଷ୍ଠା ଦିଗରେ ବ୍ୟାପକ ସୁଯୋଗ ରହିଛି । ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଂଜିନିବେଶ ଉଦ୍ୟୋଗ ଲିମିଟେଡ୍ (ଆପିକଲ) ମାଧ୍ୟମରେ ଅଧିକରୁ ଅଧିକ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଆପିକଲକୁ ଅଧିକ କ୍ରିୟାଶୀଳ କରାଯାଉଛି । ଏହା ଦ୍ୱାରା ରାଜ୍ୟରେ କୃଷକମାନଙ୍କର ଆୟବୃଦ୍ଧି ଘଟିବା ସହିତ ନିଯୁକ୍ତି ବୃଦ୍ଧି ପାଇବ। ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନ୍ତତଃ ୧୦୦ କୋଟି ଟଙ୍କାର କୃଷି ଉଦ୍ୟୋଗ ରିହାତି ଆପିକଲ ମାଧ୍ୟମରେ ପ୍ରଦାନ କରିବାର ପ୍ରସ୍ତାବ ରହିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଗୁରୁବାର କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆପିକଲର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଅବସରରେ କୃଷି ଉଦ୍ୟୋଗୀ ପ୍ରୋତ୍ସାହନ ଯୋଜନାରେ ୧୦୦୦ରୁ ଊର୍ଦ୍ଧ୍ୱ କୃଷି ଓ ଆନୁଷଙ୍ଗିକ କୃଷି ଉଦ୍ୟୋଗୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟରେ କୃଷି ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ନୂତନ ଉଦ୍ୟୋଗୀ ଚିହ୍ନଟ ଓ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ତିନୋଟି ଆଞ୍ଚଳିକ ପ୍ରଶିକ୍ଷଣ ଓ ସଂପ୍ରସାରଣ ଅନୁଷ୍ଠାନ ବଲାଙ୍ଗୀର, ବ୍ରହ୍ମପୁର ଓ ଢେଙ୍କାନାଳର ମହିଷାପାଟଣା କେନ୍ଦ୍ରଗୁଡ଼ିକରେ ମଧ୍ୟ ଉଦ୍ୟୋଗୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ବୈଠକରେ ପ୍ରସ୍ତାବ ରଖାଗଲା ।

ଆପିକଲ ମାଧ୍ୟମରେ ରାଜ୍ୟରେ କୃଷିଜାତ ଦ୍ରବ୍ୟ ଉଦ୍ୟୋଗ ପ୍ରତିଷ୍ଠା ସହିତ ବିଭିନ୍ନ ଫଳ, ପନିପରିବା, ମତ୍ସ୍ୟ ଓ ପ୍ରାଣୀସଂପଦ କ୍ଷେତ୍ରରେ ଶିଳ୍ପୋଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ପ୍ରଶିକ୍ଷଣ ଓ ରିହାତି ପ୍ରଦାନ କରାଯାଉଛି । ଆପିକଲ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିବାବେଳେ ଏହି କାର୍ଯକ୍ରମରେ ଟ୍ରାନ୍ସଜେଣ୍ଡରମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ଏଥି ସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଧାନମନ୍ତ୍ରୀ ଫରମାଲାଇଜେସନ୍ ଅଫ୍ ମାଇକ୍ରୋ ଫୁଡ୍ ପ୍ରୋସେସିଂ ଏଂଟରପ୍ରାଇଜର ଯୋଜନାର ଉତମ ପରିଚାଳନା କରିବା ପାଇଁ ନିୟୋଜିତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ ।

ଓଡ଼ିଶାରେ ବିଦେଶୀ ଫଳ ଉତ୍ପାଦନ ଓ ରପ୍ତାନୀର ବ୍ୟାପକ ସୁଯୋଗ ରହିଥିବାବେଳେ ଓଡ଼ିଶାରୁ ଝୋଟ ଓ କପାଜାତ ଦ୍ରବ୍ୟ ରପ୍ତାନୀ ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । କୃଷି ରପ୍ତାନୀ ନୀତିରେ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷ ଏବଂ ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ସାମିଲ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଆପିକଲ ଦ୍ୱାରା ପ୍ରଚାରପ୍ରସାର କାର୍ଯ୍ୟକ୍ରମର ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିଥିଲେ ।

ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଆପିକଲର ବିଭିନ୍ନ କାର୍ଯ୍ୟକ୍ରମ ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ପ୍ରକାଶ କରିଥିଲେ । କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ତଥା ଆପିକଲର ପରିଚାଳନା ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଆପିକଲର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

# ପୋଡାପୁଡା ପଞ୍ଚୁକ ମହୋତ୍ସବ ପ୍ରଥମ ସଂଧ୍ୟା



ବସ୍ତା, ୦୪/୧୧ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଅନ୍ତର୍ଗତ ପୋଡାପୁଡା ଗ୍ରାମରେ ୯ ଦିନ ବ୍ୟାପୀ ପଞ୍ଚୁକ ବ୍ରତ ଉପାସନା ସାଙ୍ଗକୁ ରାଧା କୃଷ୍ଣ ଗୋପୀ ଗୋପାଙ୍ଗନାଙ୍କ ବିଗ୍ରହ ସ୍ଥାପନକରି ପ୍ରତ୍ୟେକଦିନ ଭାଗବତ କଥାମୃତ ପୂଜାର୍ଚ୍ଚନା ଜଜ୍ଞ ହୋମ ନାମସଂକିର୍ତ୍ତନ ଚାଲୁରହିଥିବା ବେଳେ ଶୁକ୍ରବାର ରାତିରୁ ବାଦି ଗାଆଣ ଆରମ୍ଭ ହୋଇଯାଇଛି । ଏନେଇ ଗୁରୁବାର ରାତ୍ରିରେ ଏକ ସଭାର ଆୟୋଜନ ହୋଇଥିଲା । ଫୁଲମଣୀ ବିଦ୍ୟାପିଠର ଓଡିଆ ଶିକ୍ଷକ ଦିଲ୍ଲୀପକୁମାର ଭୂୟାଁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ବସ୍ତା ଉପଖଣ୍ଡ ଅଧିକାରୀ ଏସଡିପିଓ ଶ୍ରୀଯୁକ୍ତ ଜଳଧର ଜାଲି ମୂଖ୍ୟବକ୍ତା ପିଛାବଣିଆ ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ତଥା ସୁ ବକ୍ତା ବିଜୟ ଜୀ ଯୋଗଦେଇ କାର୍ତ୍ତିକ ମାସର ପଞ୍ଚୁକ ପାଳନ କରିବାର ଅଭିପ୍ରାୟ ବିଷୟରେ ବର୍ଣ୍ଣନା କରିଥିଲେ । ସମ୍ମାନୀତ ଅତିଥିଭାବେ ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରର ସାରଜନ ଅରୁଣକୁମାର ଭୂୟାଁ, ନାଟ୍ୟକାର ନରେନ୍ଦ୍ର ଦଣ୍ଡପାଟ, ସାମ୍ବାଦିକ ବିଜୟ କୁମାର ଭୂୟାଁ, ଯୁବ ସମାଜସେବୀ ସୁଧାଂଶୁ ଶେଖର ଯେନା, ଶିକ୍ଷକ ଶଚିନ୍ଦ୍ର ଦଣ୍ଡପାଟ, ପୂର୍ବତନ ସରପଞ୍ଚ ରାଧାଶ୍ୟାମ ମହାଳିକ, ଅନୁଷ୍ଠାନର ସଭାପତି ନବକାନ୍ତ ଦଳେଇ ମଞ୍ଚାସିନ ଥିଲେ । ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଅତିଥିମାନେକରିଥିବାବେଳେ ଅତିଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରିୟ ଓ ମାନପତ୍ରଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମେ ଆବାହନୀ ସଂଗୀତ ଗାନ କରାଯାଇଥିଲା । ମଞ୍ଚାସିନହୋଇ ଅତିଥିମାନେ ରାହାସ ପୂର୍ଣ୍ଣିମା ବୋଇତ ବନ୍ଦାଣ ଓଡିଶାର ସାଧବ ପୁଅର ବାଣିଜ୍ୟର ଶୁଭାରମ୍ଭ କରିବା ସହିତ ଆଧାତ୍ମିକ ଚେତନା ରେ ଉଦବୁଦ୍ଧ ହେଲେ ମଣିଷ ଜୀବନ ସାର୍ଥକ ହୋଇଥାଏ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ନବକାନ୍ତ ଯେନା, ଜୟନ୍ତ କୁମାର ଯେନା, ଶଶିକାନ୍ତ ଯେନା, ପଦ୍ମଲୋଚନ (ଟିକିନା)ପାତ୍ର, ଶୁସାନ୍ତଦାସ, ଅଜିତକୁମାର ଦାସ, ପ୍ରଶାନ୍ତ ଦାସ, ଚନ୍ଦନ ବେରା, ରାଜୁପ୍ରଧାନ, ଗୌତମ ଯେନା, ଉତ୍ତମଯେନା, ସିଦ୍ଧେଶ୍ୱର ଯେନା, ଶିବାନନ୍ଦ ଦାସ, ନରେଶ ଯେନା ସମେତ ସମସ୍ତ ସଦଶ୍ୟ ଗ୍ରାମର ପୁରୁଷ ମହିଳା ସାମିଲ ହୋଇଥିଲେ ।

## ବାଣଫୁଟି ଜଳିଗଲା ମୁହଁ

ଖଇରା,୦୪/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା କ୍ଷିରିପଦା ଗ୍ରାମରେ ବାଣ ଫୁଟାଉଥିବା ସମୟରେ ଦୁର୍ଘଟଣା ଘଟିବା କାରଣରୁ ଜଣେ ଯୁବକଙ୍କ ମୁହଁ ପୋଡି ଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି । ସେହି ଯୁବକ ଜଣକ ଜଣକ ହେଲେ ସେକ ସକରୁଦ୍ଦିନ । ଏ ସାମାଜିକ ଉତ୍ସବରେ ବାଣ ଫୁଟାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ଗୁରୁତର ଅବସ୍ଥାରେ ପ୍ରଥମେ ସୋର ପରେ ବାଲେଶ୍ୱର ମେଡିକାଲ ସ୍ଥାନାନ୍ତର କରାଯାଇଛି ।

## ଟାଉନ ହାଇସ୍କୁଲରେ କବାଡ଼ି ପ୍ରତିଯୋଗିତା

ବାଲେଶ୍ୱର,୦୪/୧୧ (ନି.ପ୍ର): ସ୍ଥାନୀୟ ଟାଉନ ହାଇସ୍କୁଲରେ ଆନ୍ତଃ ଶ୍ରେଣୀ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ବାରିକ, ବରିଷ୍ଠ ସହକାରୀ ଶିକ୍ଷକ ଦାମୋଦର ପଣ୍ଡା ଓ ଜିଲା ସ୍କୁଲର ଏନସିସି ଶିକ୍ଷକ ମସ୍କୁର ଅଲି ଖାଁ ଏହି କବାଡ଼ି ପ୍ରତିଯୋଗିତାକୁ ମିଳିତ ଭାବେ ଉଦଘାଟନ କରିଥିଲେ । ଶିକ୍ଷା ଗ୍ରହଣ ସାଙ୍ଗକୁ ନିରୋଗ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଦିଲ୍ଲୀ ପ୍ରଦୂଷଣ ଉପରେ ବଡ଼ ଆହ୍ୱାନ....

ସରକାର ଓ ନିଜକୁ କିଛିମାତ୍ରାରେ ଦାୟୀ କରିଛନ୍ତି । କହିଛନ୍ତି, ଆରୋପ-ପ୍ରତ୍ୟାରୋପ କି ରାଜନୀତି ଦ୍ୱାରା ଏହାର ସମାଧାନ ହେବ ନାହିଁ । ପଂଜାବରେ ଆମେ ୬ ମାସ ହେବ ସରକାର ଗଠନ କରିଛୁ । ଅନେକ ପଦକ୍ଷେପ ନେଇଛୁ, ସଫଳ ମଧ ହୋଇଛି । ଜାତୀୟ ରାଜଧାନୀର ବାୟୁ ପ୍ରଦୂଷଣ ଏବଂ ବାୟୁମାନର ଅବକ୍ଷୟ କେବଳ ଜାତୀୟ ରାଜଧାନୀର ସମସ୍ୟା ନୁହେଁ । କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରିବା ଦରକାର । ସେପଟେ ନଡ୍ଡା ଜାଳିବାକୁ ନେଇ କେଜ୍ରିଓ୍ୱାଲ ସରକାରଙ୍କୁ ଘେରିଛନ୍ତି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର । ଅନ୍ୟପକ୍ଷରେ କଂଗ୍ରେସ ମଧ ଆରୋପ-ପ୍ରତ୍ୟାରୋପକୁ ନିରାଧାର ବୋଲି କହିଛନ୍ତି । ସେପଟେ ଦିଲ୍ଲୀରେ ବାୟୁମାନ ସ୍ତରରେ ସୁଧାର ଆଣିବା ପାଇଁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ସୁପ୍ରିମକୋର୍ଟ ଆଇନଜୀବୀ ଶଶାଙ୍କ ଶେଖର ଝା ଏହି ଆବେଦନ କରିଛନ୍ତି । ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ପାଳନ କରୁନଥିବାରୁ ରାଜ୍ୟଗୁଡ଼ିକର ମୁଖ୍ୟ ଶାସନ ସଚିବଙ୍କୁ ସମନ କରିବା ପାଇଁ ଆବେଦନରେ ଦର୍ଶାଯାଇଛି । ତେବେ ଏହା ଉପରେ ସର୍ବୋଚ୍ଚ ନ୍ୟାୟାଳୟ କ'ଣ ଶୁଣାଣି କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା ।

## ଗୁଜରାଟ ପାଇଁ ମୁଖ୍ୟମନ୍ତ୍ରୀ....

ଗଡବୀ ହେଉଛନ୍ତି ଇସୁଦାନ । ଖୁବ କମ ସମୟରେ ଟ୍ରେନି ସାମ୍ବାଦିକରୁ ଜଣେ ଲୋକପ୍ରିୟ ଟିଭି ଉପସ୍ଥାପକ ହୋଇପାରିଥିଲେ ଗଢବୀ । ତେବେ ଏହି ଚର୍ଚ୍ଚିତ ଚେହେରାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥି କରିବା ପାଇଁ ଉଭୟ ବିଜେପି ଓ ଗୁଜରାଟ ଅଫର ଦେଇଥିବା ମଧ ଚର୍ଚ୍ଚା ହେଉଛି । ଗୁଜରାଟ ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟର ହେବ । ପ୍ରଥମ ଚରଣର ଭୋଟଦାନ ଡିସେମ୍ବର ୧ରେ ହେବ ଓ ଏଥିରେ ୮୯ ଆସନ ପାଇଁ ଭୋଟ ପଡିବ । ସେହିଭଳି ୯୩ ଆସ ପାଇଁ ଡିସେମ୍ବର ୫ରେ ବାକି ଆସନ ପାଇଁ ପଡିବ ଭୋଟ । ଡିସେମ୍ବର ୮ରେ ଫଳାଫଳ ପ୍ରକାଶ ପାଇବ ।

## ଧାମନଗର ଉପନିର୍ବାଚନ....

ବୋନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଓ ଶାନ୍ତନୁ କୁମାର ମହାନ୍ତି, ସି.ଡ଼ି.ଓ. ପ୍ରତାପ ପ୍ରୀତିମୟ, ଏ.ସି.ଡ଼ି.ଓ. କୁଶଳ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଡ. ଲକ୍ଷ୍ମୀ ପ୍ରଦାନ ସାହୁ ପ୍ରମୁଖଙ୍କ ସହଯୋଗରେ ଅଦ୍ୟାବଧି ଏହି ଉପନିର୍ବାଚନ ସମ୍ପର୍କୀୟ ସମସ୍ତ କାର୍ଯ୍ୟ ପ୍ରାୟ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଛି । ୧୩.୧୦.୨୦୨୨ ରୁ ଏହି ଉପନିର୍ବାଚନ କାର୍ଯ୍ୟ ପର୍ଯ୍ୟବେକ୍ଷଣ ପାଇଁ ନିର୍ବାଚନ ଆୟୋଗଦ୍ୱାରା ନିଯୁକ୍ତ ହୋଇଥିବା ସାଧାରଣ ପର୍ଯ୍ୟବେକ୍ଷକ ନିରଞ୍ଜନ କୁମାର ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରଣେଶ ଗୁପ୍ତା ମଧ ନିର୍ବାଚନ ସମ୍ବନ୍ଧୀୟ ସଂପୃକ୍ତ କାର୍ଯ୍ୟଧାରାକୁ ପର୍ଯ୍ୟବେକ୍ଷଣ କରୁଛନ୍ତି । ଆସନ୍ତା ୬.୧୧.୨୦୨୨ ରବିବାର ଦିନ ଗଣତି କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ପ୍ରାୟ ଶେଷ ହୋଇଛି । ସକାଳ ୮ ଘଟିକାରୁ ଗଣତି କାର୍ଯ୍ୟ ଆରମ୍ଭ କରାଯିବ ।

# ଦୁର୍ନୀତି ନିବାରଣ ସପ୍ତାହରେ ସଚେତନତା ପଦଯାତ୍ରା

ବାଲେଶ୍ୱର,୦୪/୧୧ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବାଲେଶ୍ୱର ଭିଜିଲାନ୍ସ ଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ସଚେତନ ଗଣ ପଦଯାତ୍ରା 'ୱାକାଥନ) ଅନୁଷ୍ଠିତ ହୋଇଯାଇଛି । ଦୁର୍ନୀତି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ୱାକାଥନରେ ବିଭିନ୍ନ ବିଦ୍ୟାଳୟରୁ ଏନସିସି, ସ୍କାଉଟ୍ସଙ୍କ ସମେତ ସାଧାରଣ ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି କର୍ମୀ ଓ ସହାୟିକା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସାମିଲ ହୋଇଥିଲେ । ସହରର ପବ୍ଲିକ ସ୍କୁଲ ନିକଟରୁ ବାହାରିଥିବା ଏହି ଶୋଭାଯାତ୍ରାକୁ ଭିଜିଲାନ୍ସ ଖଣ୍ଡ ଆରକ୍ଷୀ ଅଧୀକ୍ଷକ ନରହରି ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବିଭିନ୍ନ କ୍ଷେତ୍ରରେ ହେଉଥିବା ଦୁର୍ନୀତିକୁ ରୋକିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଥିବା ବେଳ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଭିଜିଲାନ୍ସ ଏସପି ଶ୍ରୀ ନାୟକ କହିଥିଲେ । ପ୍ରତିଟି ସ୍ତରର ଲୋକେ ସତେନ ହେଲେ ଦୁର୍ନୀତିର ମୂଳ ଉତ୍ପାଟନ ସମ୍ଭବ ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଭିଜିଲାନ୍ସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମାୟାଧର ସେଠୀ, ଡିଏସପି ସିକନ୍ଦର ହେମ୍ବ୍ରମ, ଦକ୍ଷିଣୀ ଚନ୍ଦ୍ର ମୁର୍ମୁ ଓ ହରେକୃଷ୍ଣ ମାଝୀ, ଇନସ୍ପେକ୍ଟର ଉଲପୀ ବେହେରା, ଛବିରାଣୀ ହେମ୍ବ୍ରମ, ଦୁଷ୍ମନ୍ତ ନାୟକ, ଦାଶରଥୀ ହେମ୍ବ୍ରମ ପ୍ରମୁଖ ଏଥିରେ ସାମିଲ ହୋଇ ସଚେତନତା ଗଣପଦଯାତ୍ରାକୁ ପରିଚାଳନା କରିଥିଲେ ।

# ରାଜଧାନୀରେ ୨ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶୁକ୍ରବାର ମୋଟ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୬ ହଜାର ୧୫୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୧ ଲକ୍ଷ ୬୪ ହଜାର ୫୭୪ ଜଣ ସୁସ୍ଥ ହୋଇଛନ୍ତି । ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦୬ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି ।

# ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଆଲୋଚନାଚକ୍ର




ଉଦଳା,୦୪/୧୧ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର +୨ ଓ +୩ ଜାତୀୟ ସେବା ଯୋଜନା ତରଫରୁ ମିଳିତ ଭାବରେ 'ଦୁର୍ନିତୀ ନିବାରଣ ସପ୍ତାହ' ପାଳିତ ହୋଇ ଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଅଧକ୍ଷ ଶ୍ରୀଯୁକ୍ତ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରି ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତୀ ପଥରେ ଦୁର୍ନିତୀ ହିଁ ସବୁଠାରୁ ବଡ଼ପ୍ରତିବନ୍ଧକ ବୋଲି ବ୍ୟକ୍ତ କରିଥିଲେ । ବରିଷ୍ଠ ଅଧାପିକା ମଞ୍ଜୁଳା କଲିଆ ରାଜ୍ୟ ସରକାର ଦୁର୍ନିତୀ ଅଭିଯୋଗରେ ୧୬୮ ଜଣ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ସୂଚନା ପ୍ରଦାନ କରିଥିଲେ । +୨ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ରାଜକିଶୋର ବେହେରା ଏବଂ +୩ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ପ୍ରଣତି ରାଜ ବର୍ତ୍ତମାନ ଆତ୍ମ ସମିକ୍ଷା କରିବାର ବେଳ ଆସିଛି , ନିଜକୁ ନିଜେ ପ୍ରଶ୍ନ କରିବା ମୁଁ କେତେ ଦୁର୍ନିତୀ ମୁକ୍ତ । ଏହି ଭଳି ସବୁ ମଣିଷ ନିଜକୁ ନିଜେ ସଜାଡ଼ି ନେଲେ ଆମ ଦେଶ ଦୁର୍ନିତୀ ମୁକ୍ତ ହେବ ବୋଲି କହିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ଅଧକ୍ଷ ସମସ୍ତଙ୍କୁ ଶପଥ ପାଠ କରାଇବା ପରେ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

## ଅଁଳା ନବମୀ ପାଳିତ : ବୃକ୍ଷ ପ୍ରଦାନ

ଜଳେଶ୍ୱର, ୦୪/୧୧(ନି.ପ୍ର): ଜଳେଶ୍ୱର ବଡବଜାରଠାରେ ଗତ ଗୁରୁବାର ଅଁଳା ନବମୀ ଅବସରରେ ବୃକ୍ଷ ବଣ୍ଟନ, ବୃକ୍ଷ ପୂଜନ ଓ ଉତ୍ସବ ପାଳିତ ହୋଇ ଯାଇଛି । ଶିକ୍ଷକ ନରହରି ବେହେରାଙ୍କ ନେତୃତ୍ୱରେ ଅଁଳା ଗଛକୁ ପୂଜା କରାଯାଇ ୫୧ଟି ଅଁଳା ବୃକ୍ଷ ପ୍ରଦାନ କରାଯାଇଥିଲା । ପୁରାଣ ବର୍ଣ୍ଣନା ଅନୁଯାୟୀ କାର୍ତ୍ତିକମାସ ପଂଚୁକରେ ବ୍ରତୀମାନେ ଅଁଳା ବୃକ୍ଷ ପୂଜନ ଓ ପ୍ରଦକ୍ଷିଣ କରିବା ନିୟମ ରହିଛି । ଅଁଳା ଏକ ଔଷଧିୟ ବୃକ୍ଷ ହୋଇଥିଲେ ମଧ୍ୟ ଆଧ୍ୟାତ୍ମିକ ଚିନ୍ତା ଚେତନା ଦୃଷ୍ଟିରୁ ଏହାକୁ ବହୁ ବ୍ୟକ୍ତି ପୂଜା କରୁଥିବାରୁ ଆୟୋଜିତ ଉତ୍ସବରେ ଅଁଳା ବୃକ୍ଷର ଆବଶ୍ୟକତା ସଂପର୍କରେ କହିଥିଲେ । ଗୋପାଳ ଗୁପ୍ତା, କୃଷ୍ଣା କୁମାରୀ ବେହେରା, କଳ୍ପନା ଗୁପ୍ତା, ଜୟ ପ୍ରକାଶ ବେହେରା, ନିଧି ଗୁପ୍ତା, ପ୍ରକାଶ ବେହେରା, ଶୁଭଙ୍କର ମଲ୍ଲିକ ଓ ଗୌରବ ଗୁପ୍ତା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

## କୁଲଡିହା ପାଦ ଦେଶରେ ଜଙ୍ଗଲି ବାରାହାଙ୍କ ଆତଙ୍କ

ନୀଳଗିରି,୦୪/୧୧ (ନି.ପ୍ର): କୁଲଡିହା ଅଭୟାରଣ୍ୟର ପଂଚଲିଙ୍ଗେଶ୍ୱର ପାଦ ଦେଶରେ ୨ଟି ଜଙ୍ଗଲି ବାରାହା ଙ୍କ ଆତଙ୍କ ସାଧାରଣ ଜନତାଙ୍କୁ ଭୟଭୀତ କରିଛି । ଶେଷରେ ଜଙ୍ଗଲି ବାରାହାଙ୍କୁ ଘଉଡ଼ାଇବା ପାଇଁ ବନବିଭାଗକୁ ନାକେଦମ ହେବାକୁ ପଡ଼ିଛି । ସୂଚନା ଥାଉକି ଗୁରୁବାର ଦିନ ଖାଦ୍ୟ ଅନ୍ୱେଷଣରେ ୨ଟି ବାରାହା ଗାଁ ମୁହାଁ ହୋଇଥିଲେ । ଆଜି ସକାଳେ ପଂଚଲିଙ୍ଗେଶ୍ୱର ନିକଟରେ ରାସ୍ତା ପାର ହେଉଥିବାର ୨ଟି ବାରାହାକୁ ଲୋକେ ଦେଖିଥିଲେ । ଲୋକଙ୍କୁ ଦେଖି ବାରାହା ୨ଟି ଧାନ କ୍ଷେତରେ ଲୁଚି ରହିଥିଲେ । ଖବର ପାଇ କୁଲଡିହା ରେଞ୍ଜର ସମେତ ବନ କର୍ମଚ଼ରୀ ପହଂଚି ବାରାହା ୨ଟିକୁ ଜଙ୍ଗଲକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ବାରାହା ୨ଟି ଧାନ କ୍ଷେତରେ ଲୁଚି ରହିଥିଲେ । ଲୋକମାନଙ୍କ ସୁରକ୍ଷା ଦୃଷ୍ଟିରୁ ୨ଜଣ ବନ କର୍ମଚ଼ରୀଙ୍କୁ ଘଟଣାସ୍ଥଳରେ ଜଗି ରହିଛନ୍ତି ।

## ଦକ୍ଷିଣ ଓଡ଼ିଶାର କିଛି ଅଂଚଳରେ କୁହୁଡ଼ି ଦୃଶ୍ୟମାନ

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ଆଜି ଦକ୍ଷିଣ ଓଡ଼ିଶାର କିଛି ଅଂଚଳରେ କୁହୁଡ଼ି ଦୃଶ୍ୟମାନ ହୋଇଛି । କନ୍ଧମାଳ ଜିଲ୍ଲାର ଫୁଲବାଣୀରେ ଘନ କୁହୁଡ଼ି ଦେଖିବାକୁ ମିଳିଥିବା ବେଳେ ଏହାର ଦୃଶ୍ୟମାନ ଦୂରତା ରହିଛି ୧୦୦ ମିଟର । କୋରାପୁଟରେ ୨୦୦ ମିଟରେ (ମଧ୍ୟମ ଧରଣର କୁହୁଡ଼ି), ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ରେ ୨୦୦ ମିଟର, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ ୭୫୦ ମିଟର (ହାଲୁକା କୁହୁଡ଼ି), ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ୮୦୦ ମିଟର (ହାଲୁକା କୁହୁଡ଼ି) ଦୃଶ୍ୟମାନ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ମହିଳା ଆହତ



ଭଦ୍ରକ,୦୪/୧୧ (ନି.ପ୍ର): ବାସୁଦେବପୁର ଅଞ୍ଚଳ ର ଜଣେ ମହିଳା ଦୁଇ ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ଆହତ ହୋଇ ପ୍ରଥମେ ବାସୁଦେବପୁର ଓ ପରେ ଭଦ୍ରକ ମେଡିକାଲ ରେ ଭର୍ତ୍ତି ହୋଇ ଛନ୍ତି । ସୂଚନା ଅନୁଯାୟୀ ବାସୁଦେବପୁର ଅଲବଗା ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ସ୍ତ୍ରୀ ଜ୍ୟୋସ୍ନା ରାଣୀ(୪୦) ତାଙ୍କ ଚାରି ବର୍ଷର ଝିଅକୁ ଧରି ବାସୁଦେବପୁର ମାର୍କେଟ କୁ କିଣା କିଣି କରିବାକୁ ଆସିଥିବା ବେଳେ ରାସ୍ତାରେ ଦୁଇ ଜଣ ଯୁବକ ବାଇକ ରେ ଆସି ତାଙ୍କୁ ଇରମ ଯିବା ପାଇଁ ବାଟ ପଚାରି ତାଙ୍କ ହାତରୁ ଯୋର୍ କରି ମୋବାଇଲ ଫୋନ ଟି ଛଡେଇ ନେଇ ଥିଲେ, ସେ ପ୍ରତିବାଦ କରିବାରୁ ଦୁଇ ଦୁର୍ବୃତ ତାଙ୍କ ଉପରକୁ ଗୁଳି ଚଳାଇଥିଲେ ସେ ହାତ ଦେଖେଇଦେବା ଫଳରେ ତାଙ୍କ ହାତରେ ଗୁଳି ବାଜିଥିଲା ସେ ଆହତ ହୋଇ ପ୍ରଥମେ ବାସୁଦେବପୁର ଓ ପରେ ଭଦ୍ରକ ମେଡିକାଲରେ ଭର୍ତ୍ତି ହୋଇ ଛନ୍ତି । ଘଟଣା ସ୍ଥଳରୁ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଛନ୍ତି ।

# ଡ୍ରାଇଭର ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ



ବାରିପଦା,୦୪/୧୧ (ନି.ପ୍ର): ଓଡିଶା ଡ୍ରାଇଭର ମହାସଂଘ ଜିଲ୍ଲାଶାଖା ପକ୍ଷରୁ ଆଜି ବିଭିନ୍ନ ଦାବୀନେଇ ମୟୂରଭଂଜ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ୯ ଦଫା ଦାବୀ ସମ୍ବଳିତ ଏକଦାବୀ ପତ୍ର ଜିଲ୍ଲାପାଳଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବାର ଜଣାଯାଇଛି । ଦାବୀଗୁଡିକ ମଧ୍ୟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡ୍ରାଇଭର ମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ବୀମା ରାଶି ଏବଂ ଦୁର୍ଘଟଣାରେ ଅକର୍ମଣ୍ୟ ଡ୍ରାଇଭର ମାନଙ୍କୁ ୧୦ ଲକ୍ଷ ଟଙ୍କା ବୀମା ରାଶି ସହିତ ଦୁର୍ଘଟଣାରେ ଚିକିତ୍ସା ପାଇଁ ଡ୍ରାଇଭର ମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ବୀମା ଯୋଗେଇ ଦେବା, ୫୫ ବର୍ଷ ପରେ ପେନସନ ପ୍ରଦାନ, ଜନସାଧାରଣଙ୍କ ଆକ୍ରୋସରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ, ପ୍ରତ୍ୟକ ୧୦୦ କି.ମି ଅନ୍ତରରେ ଗାଡି ପାର୍କିଂ ଏବଂ ଡ୍ରାଇଭର ମାନଙ୍କ ପାଇଁ ବିଶ୍ରାମାଗାର ଏବଂ ଶୌଚାଳୟ ବ୍ୟବସ୍ଥା କରାଯିବା, ରାଜ ରାସ୍ତା ଉପରେ ପ୍ରଶାସନ ପକ୍ଷରୁ ଡ୍ରାଇଭରମାନଙ୍କୁ ହଇରାଣ କରାନଯିବା । ଡ୍ରାଇଭର ମାନଙ୍କୁ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ କରାଯିବା, ଡ୍ରାଇଭର ମାନଙ୍କ ପିଲାଙ୍କ ପାଇଁ ଉଚ୍ଚ ଶିକ୍ଷା ନିମନ୍ତେ ବ୍ୟବସ୍ଥା କରାଯିବା, ଲାଇସେନ୍ସ ପାଇଁ ସରକାର ୧୫ ହଜାର ଟଙ୍କା ଫିସ ରଖିଥିବାରୁ ତାକୁ କମ କରାଯିବା ଇତ୍ୟାଦି ଦାବୀ କରିଥିବାର ଜଣାଯାଇଛି । ତେବେ ରାଜ୍ୟ ସ୍ତର ଠାରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଆନ୍ଦୋଳନ କରାଯିବା ପରେ ସରକାର ଦାବୀ ପୁରଣ କରିବାର ପ୍ରତିଶୃତି ଦେଉଥିଲେ ମଧ ଦାବୀ ପୁ୍ଣ କରାଯାଉ ନଥିବାରୁ ଆଗାମୀ ଦିନରେ ଜୋରଦାର ଲଢେଇ କରାଯିବ ବୋଲି ଡ୍ରାଇଭର ସଂଘ ମୟୂରଭଂଜ ଶାଖାର ସଭାପତି ବିଜୟ କୁମାର ଦାସ କହିଛନ୍ତି । ଏହି ବିକ୍ଷୋଭ ଓ ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ବିଭିନଚନ ଅଂଚଳର ଶତାଧିକ ଡ୍ରାଇଭର ମାନେ ଯୋଗ ଦେଇଥିଲେ ।

# ଅଙ୍ଗନବାଡି ହେଲପର ଚୟନ




ବସ୍ତା,୦୪/୧୧ (ନି.ପ୍ର): ଶାନ୍ତି ଶୃଙ୍ଖଳା ସହିତବସ୍ତା ବ୍ଲକ ଅଧିନସ୍ଥ କୁଣ୍ଡପୁର ଅଙ୍ଗନୱାଡି କେନ୍ଦ୍ରରେ ହେଲପର ଚୟନ ପ୍ରକ୍ରିୟା ଶେଷହୋଇଛି । ବସ୍ତା ଶିଶୁବିକାଶ ଯୋଜନା ବିଭାଗର ବ୍ରାହ୍ମଣଦା ପଞ୍ଚାୟତ ର କୁଣ୍ଡପୁର ଅଙ୍ଗୱାଡି କେନ୍ଦ୍ରରେ ସହାଇକା ଚୟନ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବସ୍ତା ବ୍ଲକର ସି ଡି ପିଓ ଦିପ୍ତିରାଣି ସିଂ, ସୁପରଭାଇଜର ପ୍ରଭାସିନି ବେହେରା,ଏନଏମ ମାନିମଣି ମାଝୀ, ସ୍ଥାନୀୟ ସରପଞ୍ଚ ଭବାନୀ ଜେନା, ସମେତ ବହୁ ମହିଳା ଓ ଗ୍ରାମବାସୀ ଉପସ୍ଥିତଥିଲେ । ଅଙ୍ଗନବାଡି କର୍ମୀ ଆରତୀ ମଣୀ ପରିଡା ପରିଚାଳନା କରିଥିଲେ । ୱାଡମେମ୍ବର ହିମାଂଶୁ ରାଉଳ, ପ୍ରଶାନ୍ତ ବେହେରା, ବିନତୀ ବେହେରା, ଝିଲିମଣି ରାଉଳ, ଅଞ୍ଜନା ଭକ୍ତା, ସୁକାନ୍ତି ବେହେରା, ଜୟନ୍ତି ରାଉଳ ହରପଦ ବେହେରା, ନରେନ୍ଦ୍ର ବେହେରା ଉପସ୍ଥିତ ଥିଲେ । ସର୍ବଶେଷ ରେ କଳ୍ପନା ବେହେରାଙ୍କୁ ଚୟନ କରାଯାଇଥିଲା ।

## ନୂତନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ଧର୍ମଶାଳା,୦୪/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଥାନୁଆଳ ପଂଚାୟତରେ ଆଜି ୨ଟି ନୂତନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ୨ଟି କେନ୍ଦ୍ରକୁ ଉଦଘାଟନ କରିଥିଲେ । ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଥାନୁଆଳ ସରପଂଚଙ୍କ ସମତେ ବହୁ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ ।

# ସୋସିଆଲ ମିଡିଆରେ ଅଶାଳୀନ ମନ୍ତବ୍ୟ ଲେଖି ଜେଲ ଗଲେ ରବିନାରାୟଣ ବେହେରା

ନୀଳଗିରି,୦୪/୧୧ (ନି.ପ୍ର): ସୋସିଆଲ ମିଡିଆରେ ନୀଳଗିରି ଉପଜିଲ୍ଲାପାଳ, ନୀଳଗିରି ତହସିଲଦାର, ବାଲେଶ୍ୱର ସାଂସଦ, ନୀଳଗିରି ବିଧାୟକଙ୍କୁ ଅଶାଳୀନ ମନ୍ତବ୍ୟ ଦେଇଥିବା କାଠପାଳ ଗ୍ରାମର ଯୁବକ ରବିନାରାୟଣ ବେହେରାଙ୍କୁ ମହଙ୍ଗା ପଡ଼ିଛି । ଶେଷରେ ରବିନାରାୟଣ ବେହେରାଙ୍କୁ ଉକ୍ତ ପ୍ରସଙ୍ଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ ଯାମିନ ନାମାଞ୍ଜୁର ନ ହେବାରୁ ଜେଲ ହାଜତକୁ ପଠେଇ ଦେଇଛି । ରବି ନାରାୟଣ ବେହେରା ସୋସିଆଲ ମିଡିଆରେ ଲଗାତର ୨ଦିନ ଧରି ନୀଳଗିରି ତହସିଲଦାର ବିରୋଧରେ ଅଶାଳୀନ ମନ୍ତବ୍ୟ ଲେଖିଥିବା ବେଳେ ନୀଳଗିରି ଉପଜିଲ୍ଲାପାଳଙ୍କୁ ମଧ ବାଦ୍ ଦେଇ ନ ଥିଲେ । ଉପଜିଲ୍ଲାପାଳଙ୍କୁ ଦେଇଥିବା ବିବୃତିରୁ କିଛି ଅଂଶ "କାଲି ଉପଜିଲ୍ଲାପାଳଙ୍କୁ ଗାଳି ଦେଇଥିଲି, ଦରକାର ପଡ଼ିଲେ ପିଟିବି, ବାଲି ଚୋରଙ୍କୁ ଧରି ପାରୁନି ମୋ ନାମରେ ଏତଲା ଦେଇଛି । ମୋତେ ଆଜି ଆରେଷ୍ଟ କରିବ" ବୋଲି ଗତ ଗୁରୁବାର ୮.୪୫ରେ କାଠପାଳର ଯୁବକ ନିଜ ଫେସବୁକରେ ଲେଖି ପୋଷ୍ଟ କରିଥିଲା । ଚିରାଚରିତ ପ୍ରଥା ଅନୁସାରେ ରବିନାରାୟଣ ବେହେରା ନିଜ ଫେସବୁକ ଆଇଡିରେ ନେତା, ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନ ସମୟରେ ଅଶାଳୀନ ମନ୍ତବ୍ୟ ଲେଖି ନିଜକୁ ନିଜେ ଗର୍ବ କରୁଥିବା ବେଳେ ନୀଳଗିରି ଉପଜିଲ୍ଲାପାଳଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ଲେଖିଥିବା ପୋଷ୍ଟକୁ ନେଇ ନୀଳଗିରି ଉପଜିଲ୍ଲାପାଳ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ । ଏପରିକି ନୀଳଗିରି ଉପଜିଲ୍ଲାପାଳଙ୍କୁ ନିଜ ମୋବାଇଲରେ ଅଶାଳୀନ ଭାଷାରେ ଫୋନ୍ କରି କହିଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ । ପୋଷ୍ଟ କରିବାର ୩ ଘଂଟା ପରେ ନୀଳଗିରି ଆଇ.ଆଇ.ସି. ଗୋପାଳ ଚନ୍ଦ୍ର କର୍ଣ୍ଣ ସଦଳବଳେ କାଠପାଳ ପୋଲ ନିକଟରୁ ରବିନ୍ଦ୍ର ବେହେରାକୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ଏ ନେଇ ନୀଳଗିରି ଥାନାରେ କେଶ ନଂ.୩୧୧, ୨୯୪, ୫୦୬ ଦଫାରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କର ବେଲ ନାମାଂଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।


**WORKS DEPARTMENT**
**OFFICE OF THE EXECUTIVE ENGINEER**
**MAYURBHANJ (R & B) DIVISION, BARIPADA**
e-mail - bpd_eerb@rediffmail.com
Government of Odisha "e" Procurement Notice
**Bid Identification No.-E.E.-49/2022-23**

1. Number of works - 1 (One) number of works.
2. Approximate estimated cost: - 27.75 lakh
3. Period of Completion: - 3 (Three) Calendar month.
4. Date & Time of availability of bid documents in the portal :- Dt. 09.11.2022 to 19.11.2022
5. Last Date / Time of receipt of bid in the portal:- Dt. 19.11.2022 up to 4.00 PM
6. Date of Opening of bid :- Dt. 21.11.2022 at 11.00 AM
7. Name & address of the Office inviting bid :- Executme Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

**Executive Engineer**
**Mayurbhanj (R&B) Division**
OIPR : 34025/11/0013/2223

ଶନିବାର, ନଭେମ୍ବର ୦୫, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପାଇକ ବାହିନୀର ଜନଗର୍ଜନ ଶୋଭାଯାତ୍ରା

ଭୁବନେଶ୍ୱର,୦୪/୧୧ (ନି.ପ୍ର): ବକ୍ସି ଜଗବନ୍ଧୁଙ୍କ ପାଇକ ସଂଗ୍ରାମ ସମ୍ବଳିତ ପ୍ରଜ୍ଞାପନ ମେଢ ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼ରେ ସ୍ଥାନ ପାଇବ, ସେଥିପାଇଁ ଆଜି ଓଡ଼ିଶା ଷ୍ଟେଟ ପାଇକ ଆଖଡ଼ା ଏକାଡ଼େମୀ ଓ ଖୋର୍ଦ୍ଧା ବିକାଶ ମଂଚ ପକ୍ଷରୁ ପୁରୁଷ ତଥା ମହିଳା ପାଇକ ଆଖଡ଼ା ଦଳମାନେ ଭୁବନେଶ୍ୱରରେ ଜନଗର୍ଜନ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ଷ୍ଟେଟ ପାଇକ ଆଖଡ଼ା ଏକାଡ଼େମୀର ସଭାପତି ତଥା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ପାୱାର ହାଉସ ଛକରୁ ବାହାରି ରଣବାଦ୍ୟର ତାଳେ ତାଳେ ଖଣ୍ଡା, ତଲୱାର ଆଦି ପରିଚାଳନା କରି ରାଜଭବନ ସମ୍ମୁଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପହଂଚିଥିଲେ। ଏହାପରେ ଏକ ପ୍ରତିନିଧି ଦଳ ରାଜଭବନକୁ ଯାଇ ରାଜ୍ୟପାଳଙ୍କ ଅନୁପସ୍ଥିତ ଯୋଗୁ ଏଡ଼ିସିଙ୍କ ମାଧ୍ୟମରେ ରାଜ୍ୟାପାଳ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ସେଠାରେ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଆୟୋଜିତ ସଭାରେ ସଭାପତିତ୍ୱ କରି କହିଲେ ଯେ, ବକ୍ସି ଜଗବନ୍ଧୁ ତଥା ପାଇକମାନଙ୍କର ବୀରତ୍ୱପୂର୍ଣ୍ଣ ଗାଥାର ପ୍ରଜ୍ଞାପନ ମେଢ ଯଦି ଆଗାମୀ ସାଧାରଣତନ୍ତ୍ର ଦିବ ପ୍ୟାରେଡ଼ରେ ସ୍ଥାନ ନ ପାଏ, ତେବେ ଓଡ଼ିଶାର କୋଣ ଅନୁକୋଣରେ ବିପ୍ଳବର ନିଆଁ ଜଳିବ। ଏଥିସହିତ ଦିଲ୍ଲୀର ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ପ୍ରୟୋଜନ ହେଲେ ରାଷ୍ଟ୍ରପତିଙ୍କ ବାସଭବନ ଘେରାଉ କରାଯିବ। ଏଥିରେ ଖୋର୍ଦ୍ଧା ବିକାଶ ମଂଚର ସଭାପତି ଶ୍ରୀ ନରେନ୍ଦ୍ର ପୃଷ୍ଟି, ସମ୍ପାଦକ ପ୍ରକାଶ ଦାସ, ସଂଯୋଜିକା ଶର୍ମିଷ୍ଠା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ଗାୟତ୍ରୀ ବୋଷ, ସମାଜସେବୀ ବାଲାଜୀ ପାତ୍ର ତଥା ପ୍ରଭାତ ପରିଜା ପ୍ରମୁଖ ଶତାଧିକ ପୁରୁଷ ଓ ମହିଳା ପାଇକ ଆଖଡ଼ା ଦଳର ସଦସ୍ୟମାନେ ବକ୍ତବ୍ୟ ପ୍ରଦାନ କରି ଓଡ଼ିଆଜାତିର ଏହି ଗୌରବଗାଥାର ବାର୍ତ୍ତା ସମଗ୍ର ବିଶ୍ୱରେ ପ୍ରଚାର ଓ ପ୍ରସାର କରିବା ପାଇଁ ପ୍ରଜ୍ଞାପନ ମେଢ ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼ରେ ସ୍ଥାନ ପାଇବା ଆମର ଯୁକ୍ତିଯୁକ୍ତ ଦାବି ବୋଲି କହିଥିଲେ।

## ସର୍ପାଘାତରେ ନାବାଳିକା ମୃତ

ନୀଳଗିରି,୦୪/୧୧ (ନି.ପ୍ର): ସର୍ପାଘାତରେ ଜନୈକ ନାବାଳିକାରର ମୃତ୍ୟୁ ଘଟଣା ସମଗ୍ର ଅଂଚଳରେ ଶୋକର ଛାୟା ଖେଳି ଦେଇଛି । ଏପରି ଏକ ଦୁଃଖଦ ଘଟଣା ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତରର ଜୁରିଆପାଟଣା ଗ୍ରାମର ରମେଶ ମଲିକଙ୍କ ପରିବାରରେ ଦେଖିବାକୁ ମିଳିଛି । ସୂଚନାଥାଉକି ରମେଶ ମଲିକ ଙ୍କ ବଡ଼ ଝିଅ ସୋନାଲି (୭) ଘରେ ଖାଇ ଶୋଇଥିବା ବେଳେ ଗୁରୁବାର ମଧ ରାତ୍ରିରେ ତା ପାଟିରୁ ଲାଳ ବାହାରିବାରୁ ପରିବାର ଲୋକେ ତାକୁ ନୀଳଗିରି ଡାକ୍ତରଖାନା ନେଇ ଆସିଥିଲେ । ଅବସ୍ଥା ଗୁରୁତର ହେବାରୁ ତାକୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ବାଟରେ ତା'ର ମୃତ୍ୟୁ ଘଟିଥିଲା । ପରେ ପରିବାର ଲୋକେ ଘରେ ଏକ ସାପ ଥିବାର ଦେଖିବାକୁ ପାଇଥିଲେ । ଖବର ପାଇ ସାପ ଧରାଳି ମନୋରଂଜନ ଦାସଙ୍କୁ ଖବର ଦେବା ପରେ ଏହି ସାପଟି ଚନ୍ଦ୍ରମଣ୍ଡଳ ସାପ ବୋଲି ମନୋରଂଜନ ଦାସ ସୂଚନା ଦେଇଥିଲେ । ସାପଟିକୁ ଧରି ମନୋରଂଜଜନ ନିକଟ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି ।

## ରାଜ୍ୟରେ ନୂଆ ୧୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୬୨୩୨ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୧୫ ଆକ୍ରାନ୍ତଙ୍କ ମଧ୍ୟରୁ ୯ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୬ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୪୦ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୬୭୬୮ ରେ ପହଂଚିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୦୮ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୧୫ ସଂକ୍ରମିତଙ୍କ ମଧ୍ୟରୁ ବରଗଡ଼ ଜିଲ୍ଲାରେ ୨, ବଲାଙ୍ଗିର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୩ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ମୟୂରଭଞ୍ଜ ଜିଲ୍ଲାରେ ୧, ପୁରୀ ଜିଲ୍ଲାରେ ୧, ସମ୍ବଲପୁର ଜିଲ୍ଲାରେ ୨ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ୬ରୁ ବିଶ୍ୱହିନ୍ଦୁ ପରିଷଦର 'ହିତ ଚିନ୍ତକ' ଅଭିଯାନ



ବାଲେଶ୍ୱର,୦୪/୧୧ (ନି.ପ୍ର): ଆସନ୍ତା ୨୦୨୪ ମସିହାରେ ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠାର ୬୦ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ ସଂଗଠନ ପକ୍ଷରୁ ଦେଶବ୍ୟାପୀ 'ହିତଚିନ୍ତକ ଅଭିଯାନ' ଆରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପୂର୍ବପ୍ରାନ୍ତ ବାଲେଶ୍ୱର ଜିଲା କମିଟି ପକ୍ଷରୁ ଆସନ୍ତା ୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲାବ୍ୟାପୀ ହିତଚିନ୍ତକ ଅଭିଯାନ ଜାରି ରହିବ ବୋଲି ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ପୂର୍ବ ପ୍ରାନ୍ତ ପ୍ରଚାର ପ୍ରମୁଖ ମାନସ ରଂଜନ ମହାନ୍ତି ସୂଚନା ଦେଇଛନ୍ତି। ପ୍ରତ୍ୟେକ ବର୍ଗ ସହ ଯୋଡ଼ି ହୋଇ ସମୃଦ୍ଧ ହିନ୍ଦୁ ସମାଜ ନିର୍ମାଣ ଓ ରାଷ୍ଟ୍ର ହିତ କାର୍ଯ୍ୟରେ ସାମିଲ ହେବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ ହେଉଥିବା ସେ କହିଛନ୍ତି। ପରିଷଦର କାର୍ଯ୍ୟକର୍ତ୍ତାମାନେ ଛୋଟ ଛୋଟ ଦଳ ହୋଇ ଦେଶର ଦେଢ଼ଲକ୍ଷ ଗ୍ରାମରେ ପହଞ୍ଚି ଲୋକଙ୍କ ସହ ସମ୍ପର୍କ ଯୋଡ଼ିବେ। କେବଳ ସାଧାରଣ ବର୍ଗ ନୁହେଁ ଏହି ଦଳ ଡାକ୍ତର, ଇଂଜିନିୟର, ଜାର୍ଟାର୍ଡ଼ ଆକାଉଣ୍ଟାଣ୍ଟ, ଆଇନଜୀବୀ, କଳାକାର, କ୍ରୀଡ଼ାବିତଙ୍କ ସହ ମଧ୍ୟ ସମ୍ପର୍କ ସ୍ଥାପନ କରିବ। ସେବାକାର୍ଯ୍ୟ ମାଧ୍ୟମରେ ଅଧିକରୁ ଅଧିକ ଅବହେଳିତଙ୍କୁ ଯୋଡ଼ିବା, ଯୁବପିଢ଼ିଙ୍କ ମଧ୍ୟରେ ସନାତନ ସଂସ୍କୃତି ସଂଚାର କରିବା, ଗୋ-ବଂଶ ରକ୍ଷା କରିବା, ସାମାଜିକ ସମରସତା, ନାରୀ ସଶକ୍ତୀକରଣ, କୁଟୁମ୍ବ ପ୍ରବୋଧନ, ପରିବେଶ ସଂରକ୍ଷଣ, ମଠ ମନ୍ଦିରର ସୁବ୍ୟବସ୍ଥା ସହ ସମାଜକୁ ସଂଗଠିତ କରି ସେବାକାର୍ଯ୍ୟକୁ ଆଗେଇ ନେବା ଏହି ଅଭିଯାନର ମୂଳଲକ୍ଷ୍ୟ ବୋଲି ପ୍ରାନ୍ତ ପ୍ରଚାର ପ୍ରମୁଖ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ଏହି ଅଭିଯାନକୁ ସଫଳ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ପ୍ରାନ୍ତ ଉପାଧ୍ୟକ୍ଷ ଭଗବାନ ଦାସ ଖଣ୍ଡେଲୱାଲ, ଜିଲା ସଭାପତି ଡ.ସୁଧାଂଶୁ ପରିଡ଼ା, ଜିଲା ସମ୍ପାଦକ ଦେବବ୍ରତ କର, ଜିଲା ହିତଚିନ୍ତକ ପ୍ରଭାରୀ ସିପ୍ରା ରାଉତ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ୫ଟି ସଚିବଙ୍କ ବାସଭବନ ଆଗରେ ଅନଶନ କରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସର କର୍ମକର୍ତାମାନେ ୫ଟି ସଚିବ ଭି. କାର୍ତିକେୟନ ପାଣ୍ଡିଆନଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ କରିବେ। ଶୁକ୍ରବାର ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଶ୍ରୀ ନୱାଜ କହିଛନ୍ତି ଜିଲ୍ଲା ପରିଷଦ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାରେ ସଂପୃକ୍ତ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସଙ୍କ ଉପରେ ପୋଲିସ ପ୍ରଶାସନ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରି ନାହିଁ। ମାତ୍ର ଗଣଶିକ୍ଷାମନ୍ତ୍ରୀ ସମୀର ଦାସଙ୍କ ବହିଷ୍କାର ଏବଂ ଗିରଫ ଦାବୀରେ ନବୀନ ନିବାସ ଏବଂ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତୀ ବେହେରାଙ୍କ ବାସଭବନ ଘେରାଉ କରିଥିବା ଛାତ୍ରକଂଗ୍ରେସ ନେତୃମଣ୍ଡଳୀଙ୍କ ଉପରେ ୩୦୭ ଭଳି ସଂଗୀନ ଦଫା ଲଗାଯାଇଛି। ଛାତ୍ର କଂଗ୍ରେସ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏହି ଆନ୍ଦୋଳନ କରିଥିଲା। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରଙ୍କର ଦୋଷ, ତ୍ରୁଟି, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସ୍ୱରଉତୋଳନ କରିବାର ଅଧିକାର ବିରୋଧି ଦଳର ରହିଛି। ଏହି ଅଧିକାରକୁ ନବୀନ ସରକାର ବା ପୋଲିସ ଛଡ଼େଇ ନେବାପାଇଁ ଉଦ୍ୟମ ଜାରି ରଖିଛନ୍ତି। ୫ଟି ସଚିବ ଭିକେ ପାଣ୍ଡିଆନ ପ୍ରଶାସନର ସ୍ୱଚ୍ଛତା ଓ ନିରପେକ୍ଷତା ଦାୟୀତ୍ୱ ନେଇଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ସମସ୍ତ ନେତାଙ୍କ ନାମରେ ରୁଜୁ ହୋଇଥିବା ୩୦୭ ଦଫା (ହତ୍ୟା ଉଦ୍ୟମ) ପ୍ରତ୍ୟାହାର, ମନ୍ତ୍ରୀ ସମୀର ଦାସଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର ଏବଂ ଏହି ମାମାଲାରେ ତଦନ୍ତ ପରିଷର ଭୁକ୍ତ କରାନଗଲେ ୫ଟି ସଚିବଙ୍କ ବାସଭବନ ଆଗରେ ଛାତ୍ର କଂଗ୍ରେସ ଆମରଣ ଅନଶନ ଜାରି ରଖିବ।

# ଯୁବ ନେତା ସୁଧାଂଶୁ ଜେନା ସମ୍ବର୍ଦ୍ଧିତ



ବସ୍ତା,୦୪/୧୧ (ନି.ପ୍ର): ବ୍ଲକ ଅନ୍ତର୍ଗତ ମଥାନୀ ପଂଚାୟତ ପୋଡାପଡା ସାର୍ବଜନୀନ ରାହାସ ଉତ୍ସବ ଉପଲକ୍ଷେ ଗତକାଲି ସନ୍ଧ୍ୟାରେ ଆୟୋଜିତ ଉଦଘାଟନ ଉତ୍ସବ ରେ ଜିଲ୍ଲା ରେ ଲୋକ ପ୍ରିୟ ଯୁବ ନେତା ସୁଧାଂଶୁ ଶେଖର ଜେନାଙ୍କୁ ଶ୍ରେଷ୍ଠ ଯୁବ ପ୍ରତିଭା ସମ୍ମାନ ରେ ସମ୍ବର୍ଦ୍ଧିତ କରାଯାଇଛି। ଛାତ୍ର ଅବସ୍ଥା ର ଶ୍ରୀ ଜେନା ଲୋକ ଙ୍କ ସେବା କରିବା ସହିତ ଇଂଜିନିୟରିଂ ଛାତ୍ର ହୋଇ ସରକାରୀ ଚାକିରୀ ଛାଡ଼ି ସାଧାରଣ ଲୋକଙ୍କ ସହିତ ରହିଛନ୍ତି ନିଜର ସେବା ଓ ସମର୍ପଣ ଭାବ ଅଂଚଳ ପାଇଁ ଅନେକ ଗର୍ବ ଆଣି ଥିବାରୁ ତାଙ୍କୁ ଶ୍ରେଷ୍ଠ ଯୁବ ପ୍ରତିଭା ସମ୍ମାନ ରେ ସମ୍ବର୍ଦ୍ଧିତ କରାଯାଇଛି ।ସେ ଜଣେ ବାଗ୍ମୀ ବକ୍ତା ଦକ୍ଷ ସଂଗଠକ କଳା ଓ ସାହିତ୍ୟ ପ୍ରେମୀ ଯୁବକ। ଶ୍ରୀ ଜେନା ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ପଂଚାୟତ ପଣ୍ଡରୁଙ୍ଗି ଗ୍ରାମ ର ଅବସର ପ୍ରାପ୍ତ ଶିକ୍ଷାବିତ ନରେନ୍ଦ୍ର ନାଥ ଜେନା ଙ୍କ ପୁତ୍ର ସେ ଜଣେ ଛାତ୍ର ସମୟରେ ମେଧାବୀ ଛାତ୍ର ଓ ଛାତ୍ର ନେତା ମଧ ଥିଲେ ଗତକାଲି ଉତ୍ସବ ରେ ବସ୍ତା ଏସ୍ ଡି ପିଓ ଜଳନ୍ଧର ଜାଲି ସୁନାମ ଧନ୍ୟ ଡଃ ଅରୁଣ କୁମାର ଭୂୟାଁ କଥାକାର ବିଜୟଜୀଙ୍କ ହାତରୁ ଏହି ସମ୍ମାନ ଗ୍ରହଣ କରିଥିଲେ ଶିକ୍ଷା ବିତ ଦୀଲ୍ଲିପ ଭୂୟାଁ ସଭାପତିତ୍ୱ କରିଥିଲାବେଳେ ନାଟ୍ୟକାର ନରେନ୍ଦ୍ର ଦଣ୍ଡପାଟ ସାମ୍ବାଦିକ ବିଜୟ ଭୂୟାଁ ଶିକ୍ଷକ ଶଚିନ୍ଦ୍ର ଦଣ୍ଡପାଟ ପୂର୍ବତନ ସରପଞ୍ଚ ରାଧାଶ୍ୟାମ ମହାଳୀକ ଓ ଅନୁଷ୍ଠାନ ର ସଭାପତି ନବକାନ୍ତ ଜେନା ଉପସ୍ଥିତ ଥିଲେ । ଜୟନ୍ତ ଜେନା ଶଶିକାନ୍ତ ଜେନା ଶିବା ଜେନା କଚି ଦାସ୍ ଶନ୍ୟାଶୀ ଦାସ୍ ଟିକିନା ଟିଟି ସମେତ ଅନୁଷ୍ଠାନ ର ବହୁ ସଦସ୍ୟ ପରିଚାଳନା କରିଥିଲେ ଗୀତା ଆବୃତ୍ତି ଓ ଭଜନ ପରିବେଷଣ ହୋଇଥିଲା। ଶ୍ରୀ ଜେନା ଙ୍କ ଏହି ସମ୍ମାନ ପାଇଁ ବିଭିନ୍ନ ସଂଗଠନ ଓ ଅଂଚଳ ରୁ ଶୁଭେଚ୍ଛା ଜଣାଇଛନ୍ତି।

## ୨୬ରୁ ଜିଲ୍ଲାସ୍ତରୀୟ ପୁରୁଷ ଭଲିବଲ ଟୁର୍ଣ୍ଣାମେଣ୍ଟ

ବାଲେଶ୍ୱର,୦୪/୧୧ (ନି.ପ୍ର): ଜିଲା କ୍ରୀଡ଼ାସଂଘ ପକ୍ଷରୁ ଆସନ୍ତା ୨୬ ଓ ୨୭ ଦୁଇଦିନ ଧରି ଜିଲାସ୍ତରୀୟ ପୁରୁଷ ଭଲିବଲ ପ୍ରତିଯୋଗିତା ସ୍ଥାନୀୟ ପରମିଟ ପଡ଼ିଆରେ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲାର ଇଚ୍ଛୁକ ସମସ୍ତ ଭଲିବଲ ଦଳ ଆସନ୍ତା ୨୦ ତାରିଖ ସୁଦ୍ଧା ଏଣ୍ଟ୍ରିଫର୍ମ ଜରିଆରେ ସଂଘ କାର୍ଯ୍ୟାଳୟରେ ପଞ୍ଜୀକରଣ ପାଇଁ କୁହାଯାଇଛି। ସବିଶେଷ ସୂଚନା ପାଇଁ ଆଶାୟୀ ଦଳମାନେ କ୍ରୀଡ଼ାସଂଘର ଯୁଗ୍ମ ସମ୍ପାଦକ (ଭଲିବଲ) ଜଗଦୀଶ ବେହେରାଙ୍କ ସହ ଯୋଗାଯୋଗ କରିପାରିବେ। ତବେ ୨୦ ତାରିଖ ମଧ୍ୟରେ କେବଳ ପଞ୍ଜୀକରଣ କରିଥିବା ଦଳମାନେ ୨୬ ଓ ୨୭ ତାରିଖର ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ସେମାନଙ୍କ ପକ୍ଷରୁ ମ୍ୟାଚର ଫିକ୍ସଚର ପଠାଇ ଦିଆଯିବ।

## ପେଟ୍ରୋଲ ଢ଼ାଳି ବ୍ୟକ୍ତିଙ୍କ ଆତ୍ମହତ୍ୟା

ଜୟପୁର,୦୪/୧୧ (ନି.ପ୍ର): ପାରିବାରିକ କଳହ କୁ ନେଇ ଜୟପୁର ନିକଟସ୍ଥ ଆମ୍ବଗୁଡ଼ା ଶାଳ ଜଙ୍ଗଲରେ ନିଜେ ପେଟ୍ରୋଲ ଢାଳି ନିଆ ଲଗାଇ ଆତ୍ମ ହତ୍ୟା କଲା ୫୫ ବର୍ଷୀୟ ଜଣେ ବ୍ୟକ୍ତି। ବ୍ୟକ୍ତି ଜଣକ ଅମ୍ବଗୁଡ଼ା ନିକଟ ଗ୍ରାମର ସପନ ଦାସ । ଘଟଣା ସ୍ଥଳରେ ସଦର ପୋଲିସ ପହଂଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଆଲୋଚନାଚକ୍ର



ଉଦଳା,୦୪/୧୧ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ 'ଗଙ୍ଗାଧର ମେହେରଙ୍କ ତପସ୍ୱିନୀରେ ସୀତା' ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ବିଭାଗୀୟ ମୁଖ୍ୟ ନିହାର ରଂଜନ ବାସ ଆଲୋଚନା ଚକ୍ରରେ ଅଧକ୍ଷତା କରି ମାତୃଭାଷାହିଁ ଆମର ପ୍ରଥମ ପରିଚୟ, ଏହାକୁ ନେଇ ଆମେ ଗର୍ବ ଅନୁଭବ କରିବା ଉଚିତ ବୋଲି ବ୍ୟକ୍ତ କରିଥିଲେ । +୨ ବିଭାଗର ଅଧକ୍ଷ ଡ଼କ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୁୟସୀ ପ୍ରଶଂସା କରିଥିଲେ । +୨ ବିଭାଗର ଭାଷା ଓ ସାହିତ୍ୟ ଅଧାପକ ଡ଼କ୍ଟର ଶ୍ରୀହରି ପଣ୍ଡା ଏବଂ ଶିକ୍ଷା ବିଭାଗ ମୁଖ୍ୟ ଡ଼କ୍ଟର ଶାନ୍ତସୁନ୍ଦର ଆଚାର୍ଯ୍ୟ ଯଥାକ୍ରମେ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସାମ୍ପ୍ରତିକ ସମୟରେ ସୀତା ଚରିତ୍ରର ଆବଶ୍ୟକତା ସମାଜରେ କିପରି ଅବଶ୍ୟମ୍ଭାବୀ ହୋଇପଡ଼ିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ବିଭାଗୀୟ ଛାତ୍ରୀ ମାନସୀ ମିଶ୍ର, ମାନସୀ ସାହୁ ଓ ବିଷ୍ଣୁପ୍ରିୟା ମଣ୍ଡଳ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଅଧାପକ ଚନ୍ଦ୍ର ମୋହନ ପରିଡ଼ା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# ପାରିବାରିକ ଗଣ୍ଡଗୋଳରୁ ସ୍ତ୍ରୀକୁ ପିଟିପିଟି ହତ୍ୟା : ସ୍ୱାମୀ ଗିରଫ



ଜଳେଶ୍ୱର, ୦୪/୧୧(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୁବାଡିଆ ଗାଁର ଜଣେ ସ୍ୱାମୀ ତାର ସ୍ତ୍ରୀକୁ ପିଟିପିଟି ମାରି ଦେଇଥିବାର ଅଭିଯୋଗରେ ପୁଲିସ୍ ତାକୁ ଗିରଫ କରିଛି । ଏଥିନେଇ ବହୁ କଥା ଶୁଣିବାକୁ ମିଳୁଛି । ପୁଲିସ୍ ମାମାଲା ରୁଜୁ କରି ତଦନ୍ତ ଜାରି ରଖିଛି । ଘଟଣାରୁ ପ୍ରକାଶ, ମହମ୍ମଦନଗରପାଟଣାର କୁବାଡିଆ ଗାଁର ଲାଖାଇ କିସ୍କୁ ସେହି ଗାଁର ଦୁର୍ଗୀ କିସ୍କୁକୁ ବିବାହ କରିଥିଲା । ତାର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ବେଳେ ଦୀର୍ଘଦିନ ଧରି ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳହ ଲାଗି ରହିଥିଲା । ଦୁର୍ଗୀ ଗତ ଦୁର୍ଗପୂଜା ଠାରୁ ବାପ ଘରେ ରହୁଥିଲା । ଗତ ଗୁରୁବାର ଲାଖାଇ ସ୍ତ୍ରୀ ଦୁର୍ଗୀକୁ ଘରକୁ ଡକାଇ ଆଣିଥିବା ବେଳେ ପ୍ରଥମେ ବଚସା ଓ ପରେ ଲାଖାଇ ଏକ ବାଉଁଶ ବାଡିରେ ଦୁର୍ଗୀକୁ ମାଡ ମାରିଥିଲା । ଶେଷରେ ଦୁର୍ଗୀର ମୃତ୍ୟୁ ଘଟିଥିବା କୁହାଯାଇଛି । ସକାଳେ ଗାଁ ଲୋକେ ଜାଣି ଜଳେଶ୍ୱର ଥାନାକୁ ଖବର ଦେଇଥିଲେ । ଖବର ପାଇ ଜଳେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଲାଖାଇକୁ ଗିରଫ କରିବା ସହିତ ଶବ ବ୍ୟବଛେଦର ବ୍ୟବସ୍ଥା କରିଛି । ଏହି ଘଟଣାରେ ପରକିଆ ପ୍ରୀତି ଥିବାର କୁହାଯାଇଥିବା ବେଳେ ଅନ୍ୟ କେତେକ ନିଶାଗ୍ରସ୍ତ ଯୋଗୁଁ ଏପରି ଘଟିଛି ବୋଲି କହିଛନ୍ତି ।

# ଖଇରା ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ : ପ୍ରତିଭା ଆବିଷ୍କାର କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଲକ୍ଷ



ଖଇରା,୦୪/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଖଇରା ବିଡିଓ ପର୍ଶୁରାମ ପଣ୍ଡା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପରେ ବିଭିନ୍ନ ଆଞ୍ଚଳିକ ସାଧନ କେନ୍ଦ୍ରରୁ ବିଜୟୀ ହୋଇ ଆସିଥିବା ପିଲାଙ୍କ ମଧ୍ୟରେ ବୁଦ୍ଧି ପରୀକ୍ଷା, ଓଡିଆ ହସ୍ତଲିଖନ, ଚିତ୍ରାଙ୍କନ, ସଙ୍ଗୀତ, ଗଳ୍ପ ଲିଖନ, ବକ୍ତୃତା, ତର୍କ, ସୃଜନଶୀଳ ଲିଖନ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲକ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳରେ ପ୍ରତିଭା ଆବିଷ୍କାର କରିବା ଏହି ସୁରଭି ଆୟୋଜନର ଲକ୍ଷ ବୋଲି କହିଥିଲେ । ଏବିଇଓ ଶ୍ରୀଧର ବେହେରା,ଗୌରାଙ୍ଗ ମହାପାତ୍ର ଓ ହେମନ୍ତ କୁମାର ମିଶ୍ର ଶିକ୍ଷକ ନେତା ଷଡାନନ ପାଣିଗ୍ରାହୀ, ଶଙ୍କର୍ଷଣ ଜେନା, କୈଳାଶ ଚନ୍ଦ୍ର ବେହେରା, ଲମ୍ବୋଦର ଦାସ, ତପନ କୁମାର ତ୍ରିପାଠୀ, ଜନାର୍ଦ୍ଦନ, ବିଜୟ କୁମାର ଦ୍ୱିବେଦୀ ଓ ପ୍ରଫୁଲ୍ଲ ଦାସ, ସିଆରସି ଲକ୍ଷ୍ମଣ ସେନ ଓ ଶରତ ଚନ୍ଦ୍ର ପଣ୍ଡା,ପରିଚାଳନା କମିଟି ସଭାପତି ବସନ୍ତ କୁମାର ବେହେରା,ରମାକାନ୍ତ ପାଢୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ଜୁନିୟର ଓ ସିନିୟର ସ୍ତରରେ ବିଜୟୀ ହୋଇଥିବା ଛାତ୍ରୀଛାତ୍ର ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ମହାପାତ୍ର, ସୁଶାନ୍ତ କୁମାର ନାୟକ, ସୁଶାନ୍ତ କୁମାର ମହାପାତ୍ର, ଅଶୋକ କୁମାର ଦାସ, ବିଦ୍ୟାଧର ଦାସ, ଖୁକନ ସେଠୀ,ପ୍ରଶାନ୍ତ ପାଣିଗ୍ରାହୀ, ନିଗମ ନିକୁଞ୍ଜ ସେଠୀ, ଦେବାଶିଷ ରାଓତ, ଭାଗିରଥି ନାୟକ ଓ ଅଜୟ ଲେଙ୍କା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ରାଇରଙ୍ଗପୁର କଲେଜରେ ଇଂରାଜୀ ବିଭାଗର ସେମିନାର




ରାଇରଙ୍ଗପୁର,୦୪/୧୧ (ନି.ପ୍ର): ରାଇରଙ୍ଗପୁର କଲେଜର ଇଂରାଜୀ ବିଭାଗର ଏକ ଦିନିକିଆ ସେମିନାର ଆଜି କଲେଜ ସ୍ମାର୍ଟକ୍ଲାସରେ ଅନୁଷ୍ଠିତ ହୋଇଯାଇଛି । ଇଂରାଜୀ ବିଭାଗୀୟ ମୁଖ୍ୟ ପ୍ରାଧାପକ ସୁନୀଲ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସେମିନାରରେ କଲେଜର ଅଧକ୍ଷ ପ୍ରଫେସର କୁବେର କୁମାର ମହାନ୍ତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ ପୂର୍ବକ ନିଜର ଉଦଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ । ଇଜିମସ୍ ଇନ ଲିଟରେଚର୍ ଶୀର୍ଷକରେ ଅନୁଷ୍ଠିତ ଏହି ସେମିନାରରେ କେନ୍ଦୁଝର ଜିଲ୍ଲା ସୋମପାଟଣା ଆଂଚଳିକ ମହାବିଦ୍ୟାଳୟର ଇଂରାଜୀ ବିଭାଗୀୟ ମୁଖ୍ୟ ପ୍ରଫେସର ଅଶ୍ୱନୀ କୁମାର ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଇଂରାଜୀ ସାହିତ୍ୟରେ ରହିଥିବା ବିଭିନ୍ନ ମତବାଦ ଉପରେ ସବିଶେଷ ଆଲୋଚନା କରିଥିଲେ । ୫ମ ସେମିଷ୍ଟାର ଛାତ୍ରୀ ଦେବୀକା ସାମାଡ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ, ସେମିନାର ସମ୍ପାଦକ ଚନ୍ଦନ କୁମାର ମାରାଣ୍ଡି ସେମିନାରର ଲକ୍ଷ୍ୟ ଏବଂ ଉଦେଶ୍ୟ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ଅଧାପିକା ରିଶବିତା ଖୋସଲା, ଜିନିଆ ଭଟ୍ଟାଚାର୍ଯ୍ୟ, ମାୟା ମମତା ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ମାୟା ମଣି ସୋରେନ, ସାବିତ୍ରୀ ମହାନ୍ତ, ଆଶିଷ ରଂଜନ ମୁର୍ମୁ, ସମରା ସର୍ଦ୍ଦାର, ସୀମା ସରଦାର, ଦେବୀକା ସାମାଡ ନିଜନିଜର ସନ୍ଦର୍ଭ ପାଠ କରିଥିଲେ । ଛାତ୍ରୀ ଆଦିତା ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଲଳିତା ମାରାଣ୍ଡି, ଖାରବେଳ ମହାନ୍ତ, ସୁକନ୍ୟା ଗିରି, ଦିଶା ସିଟ, ଦିପ୍ତିମୟୀ ହାଁସଦା, ଚନ୍ଦନ ଟୁଡୁ, ବିଜୟ ବାସ୍କେ, ବାରିଆ ସୋରେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଓଡିଆ ବିଭାଗର ଅଧାପକ ମିଳନ ମହାନ୍ତ, ଅଧାପିକା ତନ୍ମୟୀ ରଥ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ, ସେମିନାର ସହ ସମ୍ପାଦକ ଜୀବନଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ଦାବି ନେଇ ଓଡ଼ିଶା ଡ୍ରାଇଭର ସଂଘର ସ୍ମାରକପତ୍ର

ବାଲେଶ୍ୱର,୦୪/୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ଓଡ଼ିଶା ଡ୍ରାଇଭର ସଂଘ, ବାଲେଶ୍ୱର ଶାଖା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଶେଷ କରି ଡ୍ରାଇଭରଙ୍କ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ୫୫ବର୍ଷ ପରେ ମାସିକ ଅତିକମରେ ୫ହଜାର ଟଙ୍କାର ଭତ୍ତା ପ୍ରଦାନ, ଗାଡ଼ି ପାର୍କିଂ ଓ ବିଶ୍ରାମ ନେବା ପାଇଁ ରାଜପଥରେ ପ୍ରତି ଶହେ କିମି ବ୍ୟବଧାନରେ ପାର୍କିଂ ସ୍ଥାନ, ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା କରିବା, ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ବୀମାରାଶି ଓ ଅକର୍ମଣ୍ୟ ଡ୍ରାଇଭରଙ୍କୁ ୧୦ ଲକ୍ଷର ବୀମା ରାଶି ସହିତ ୫ଲକ୍ଷ ଟଙ୍କାର ଚିକିତ୍ସା ସହାୟତା, ଡ୍ରାଇଭରଙ୍କୁ ଦ୍ୱିତୀୟ ସୈନିକ ଓ କରୋନା ଯୋଦ୍ଧାର ମାନ୍ୟତା ପ୍ରଦାନ, ଡ୍ରାଇଭରଙ୍କ ସନ୍ତାନ ସନ୍ତତିଙ୍କ ଉଚ୍ଚଶିକ୍ଷା ପାଇଁ ବ୍ୟବସ୍ଥା କରିବା, ଗାଡ଼ି ଯାଞ୍ଚ ଆଳରେ ପ୍ରଶାସନ ପକ୍ଷରୁ ଦୀର୍ଘସମୟ ଗାଡ଼ି ଅଟକାଇ ଅଯଥାରେ ଡ୍ରାଇଭରଙ୍କୁ କରାଯାଉଥିବା ହଇରାଣ ହରକତ ବନ୍ଦ କରିବା, ଲାଇସେନ୍ସ ପାଇଁ ୧୫ ହଜାର ପରିବର୍ତ୍ତେ କମ ଅର୍ଥ ଜମା ନେବା ଆଦି ୧୦ଦଫା ଦାବି ଉଠାଇଛି ଓଡ଼ିଶା ଡ୍ରାଇଭର ସଂଘ। ଜିଲା ପ୍ରଶାସନ ଓ ସରକାର ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ସଂଗଠନ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo